## ସଂକ୍ଷେପରେ

### ଟ୍ରକ, ୩ ବାଇକ ଜଳିଗଲା



ଭୁବନେଶ୍ୱର, ୨୧।୧୨ (ସୂର୍ଯ୍ୟକାନ୍ତ ବେହେରା) - ପାହାଳ ଥାନା ଅନ୍ତର୍ଗତ ଏକ ଗୋଦାମ ଆଗରେ ଛିଡା ହୋଇଥିବା ଟ୍ରକ ଓ ୩ଟି ବାଇକ ଗୁରୁବାର ଜଳିଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ୍ୟ ଟ୍ରକ ବ୍ୟାଟେରିରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଖବର ପାଇ ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ସେତେବେଳକୁ ଟ୍ରକ ସମେତ ୩ଟି ବାଇକ ପୋଡି ନଷ୍ଟ ହୋଇଯାଇଛି । ତେବେ ଏଥିରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି।

### ୧୦୦୮ ଉଚ୍ଚ ମାଧ୍ୟମିକ ପିଜିଟି ପଦବୀରେ ହେବ ନିଯୁକ୍ତି

ଭୁବନେଶ୍ୱର, ୨୧।୧୨(ଅନୁରାଧା ମହାରଣା)- ରାଜ୍ୟରେ ଖୁବ୍‌ଶୀଘ୍ର ୧୦୦୮ଟି ଉଚ୍ଚ ମାଧ୍ୟମିକ ପିଜିଟି ପଦବୀରେ ଦିଆଯିବ ନିଯୁକ୍ତି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ବିଷୟରେ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରାର୍ଥୀ ଚୟନ କରିବାକୁ ଓଡ଼ିଶା ଲୋକସେବା ଆୟୋଗକୁ ସୂଚନା ଦିଆଯାଇଛି। ୨୩ଟି ଭିନ୍ନ ଭିନ୍ନ ବିଷୟ ପାଇଁ ଏହି ନିଯୁକ୍ତି ଦିଆଯିବ। ରାଜ୍ୟ ସରକାର ଶିକ୍ଷାର ଗୁଣବତ୍ତାକୁ ସୁଦୃଢ଼ କରିବା ପାଇଁ ଭିତ୍ତିଭୂମିର ଉନ୍ନତୀକରଣ ସହ ଶିକ୍ଷକ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦେଇଛନ୍ତି। ଏହି ନିଯୁକ୍ତି ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର ହେବା ସହିତ ଛାତ୍ରୀଛାତ୍ର ବିଭିନ୍ନ ବିଷୟ ଭିତ୍ତିକ ପାଠ୍ୟକ୍ରମକୁ ଠିକ ଭାବେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ୫୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟରୁ ଉନ୍ନୀତ ହୋଇଥିବା ୧୦୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି ନିଯୁକ୍ତି କରାଯିବ। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଏହି ଚୟନ ଶେଷ ହେବା ପରେ ଉଚ୍ଚ ଶିକ୍ଷା ବିଭାଗରୁ ଆସି ଶିକ୍ଷାଦାନ କରୁଥିବା ଅତିଥି ଅଧ୍ୟାପକମାନଙ୍କୁ ଉଚ୍ଚ ଶିକ୍ଷା ବିଭାଗକୁ ଫେରାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପଥ ଉତ୍ସବରେ ମିଳିବନି 'ମୋ ସାଇକେଲ'

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଆସନ୍ତା ୨୪ ତାରିଖ ରବିବାରଠାରୁ ସ୍ମାର୍ଟସିଟି ଭୁବନେଶ୍ୱରରେ ପୁଣି ଆରମ୍ଭ ହେବ 'ପଥ ଉତ୍ସବ' । ଶୀତୁଆ ସକାଳରେ ସହରବାସୀ ନାଚଗୀତଠାରୁ ଆରମ୍ଭ କରି ସ୍କେଟିଂ, ମ୍ୟାଜିକ୍ ଶୋ' ଭଳି ବିଭିନ୍ନ କାର୍ଯ୍ୟକ୍ରମର ମଜା ଉଠାଇବେ। ମାତ୍ର ଯଦି ଆପଣ ପଥଉତ୍ସବରେ ସାଇକ୍ଲିଂର ମଜା ନେବାକୁ ଚାହୁଁଆନ୍ତି, ତେବେ ନିଜ ଘରୁ ସାଇକେଲ ନେଇକି ଆସିବାକୁ ପଡିବ। ଆଉ ଯଦି 'ମୋ ସାଇକେଲ' ଭରସାରେ ଅଛନ୍ତି ତେବେ ଆପଣଙ୍କୁ ନିରାଶ ହେବାକୁ ପଡିବ। କାରଣ କୋଟିକୋଟି ଟଙ୍କାରେ କିଣାଯାଇଥିବା ମୋ ସାଇକେଲ୍‌ଗୁଡିକ ମଧ୍ୟରୁ ଅଧିକାଂଶ ଅଚଳ ଅବସ୍ଥାରେ ପଡିଛି। କାହାର ସିଟ୍ ନାହିଁ ତ ଆଉ କାହାର ବ୍ରେକ୍ ତାର ଛିଡି ତଳେ ପଡିଛି। ଏଭଳି ଅଚଳ ସାଇକେଲକୁ ନେଇ ବିଏମ୍‌ସି କିମ୍ବା ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଲୋକଙ୍କ ପାଖରେ ନିଜର ଛବି ମଳିନ କରିବାକୁ ଚାହୁଁନାହିଁ। ତେଣୁ ମୂଲ୍ଲ ମାରିଲେ ଯିବ ସରି ପନ୍ଥା ଆପଣାଇ ସାଇକ୍ଲିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁ ନ ଥିବା ଜଣାପଡିଛି। ସ୍ମାର୍ଟସିଟି ରାଜଧାନୀକୁ ପ୍ରଦୂଷଣମୁକ୍ତ କରିବା ସହିତ ସାଇକେଲ ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୨୦୧୮ରେ ଆରମ୍ଭ ହୋଇଥିଲା 'ମୋ ସାଇକେଲ' ଯୋଜନା। ବିଭିନ୍ନ ନାମୀଦାମୀ କମ୍ପାନୀର ରଙ୍ଗବେରଙ୍ଗର ସାଇକେଲ ସହରର ଛକ ଓ ବଜାର ଅଞ୍ଚଳରେ ଶୋଭାପାଉଥିଲା। ମାତ୍ର କିଛିଦିନ ଭିତରେ ହିଁ ରାଜଧାନୀବାସୀ ମୋ ସାଇକେଲ୍‌ରୁ ମୁହଁ ଫେରାଇ ନେଇଥିଲେ। ପରେ ମୋ ସାଇକେଲ୍‌ର ଲୋକପ୍ରିୟତା ବଢାଇବାକୁ ରାହାଗିରି ବା ପଥ ଉତ୍ସବରେ ସାଇକ୍ଲିଂ ବ୍ୟବସ୍ଥା କରାଯାଇଥିଲା। ଏହା ସେତେବେଳେ ପଥୋତ୍ସବର ମୁଖ୍ୟ ଆକର୍ଷଣ ହେବା ସହ ବିଏମ୍‌ସି ଓ ବିଏସ୍‌ସିଏଲ୍ ସାଇକେଲ ଚାଳନାକୁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। କରୋନା ମହାମାରୀ ପାଇଁ ୩ବର୍ଷ ଧରି ପଥଉତ୍ସବ ବନ୍ଦ ରହିବା ପରେ ୨୦୨୨ରେ ସେହି ଉତ୍ସାହ ନେଇ ପୁଣିଥରେ ଫେରିଥିଲା। ମାତ୍ର ସେତେବେଳକୁ ଆଉ 'ମୋ ସାଇକେଲ' ଚାଲିବା ଅବସ୍ଥାରେ ନ ଥିଲା। ତେଣୁ ସାଇକେଲ ଚଳାଇବାକୁ ମନ ବଳାଇଥିବା ଲୋକେ ଏହାର ଲାଭ ଉଠାଇ ନ ପାରି ମୋ ସାଇକେଲ୍‌କୁ ଝୁରିଥିଲେ। ଆଶା ଥିଲା ଯେ ଚଳିତ ବର୍ଷ ସହରବାସୀଙ୍କୁ 'ମୋ ସାଇକେଲ' ଚଳାଇବାକୁ ସୁଯୋଗ ମିଳିବ। ମାତ୍ର ଏଥର ମଧ୍ୟ ସମାନ ଅବସ୍ଥା ହେବ। କାରଣ ପଥଉତ୍ସବରେ ମୋ ସାଇକେଲର କୌଣସି ବ୍ୟବସ୍ଥା ନ ଥିବା ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସହରରେ ଅଧିକାଂଶ ଲୋକଙ୍କର ନିଜର ସାଇକେଲ ଅଛି, ତେଣୁ ସେମାନେ ନିଜ ନିଜ ସାଇଲେ ଆଣି ଚଲାଇ ପାରିବେ। ଏଥିପାଇଁ ରେଜିଷ୍ଟ୍ରେଶନ ଆରମ୍ଭ ହୋଇଛି। ତେଣୁ ମୋ ସାଇକେଲ୍‌ର କୌଣସି ଆବଶ୍ୟକତା ନାହିଁ ବୋଲି କମିଶନର ଅଜବ ଯୁକ୍ତି ବାଢିଛନ୍ତି। ସହରରେ ଏବେ କେତେ ମୋ ସାଇକେଲ ତାହା ମନେ ନ ଥିବାବେଳେ ସବୁ ସାଇକେଲ ପ୍ରାୟ ଭଲ ଅବସ୍ଥାରେ ଥିବା କହିଛନ୍ତି। ତେବେ ପୂର୍ବାପେକ୍ଷା ଏବେ ଖୁବ୍‌କମ୍ ଲୋକ ମୋ ସାଇକେଲ ବ୍ୟବହାର କରୁଥିବାରୁ ଏଭଳି ଅବସ୍ଥା ହେଉଥିବା କମିଶନର କହିଛନ୍ତି।

### ଖତ ଖାଉଛି, କାମରେ ଲଗାଉନି ବିଏମ୍‌ସି



### କବାଡ଼ିଖାନା ପରେ ଏବେ ଚୋରିଖାନା

୨୦୧୮ରେ ୬କୋଟି ଟଙ୍କା ବ୍ୟୟରେ ହାକ୍ସି, ୟୋନୋ ଓ ୟୁଲୁ କମ୍ପାନୀଠାରୁ ପ୍ରତି ସାଇକେଲକୁ ୨୫ହଜାର ଟଙ୍କା ଲେଖାଏ ଦେଇ ବିଏମ୍‌ସି ୨ହଜାର ସାଇକେଲ କିଣିଥିଲା। ଏନେଇ କମ୍ପାନୀଗୁଡିକ ସହିତ ୫ବର୍ଷ ପାଇଁ ଚୁକ୍ତି ମଧ୍ୟ କରାଯାଇଥିଲା। ସେହିପରି ଲୋକଙ୍କୁ ସାଇକେଲ ଚାଳନା ପ୍ରତି ଆକୃଷ୍ଟ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାଇକେଲ ଟ୍ରାକ୍ ତିଆରି ହୋଇଥିଲା। ମାତ୍ର ଏଗୁଡିକୁ ପରିଚାଳନା କରିବାରେ ବିଏମ୍‌ସି ବିଫଳ ହୋଇଥିବାରୁ କୋଟି କୋଟି ଟଙ୍କା ବରବାଦ ହୋଇଛି। ୨ବର୍ଷ ତଳେ ଶତାଧିକ ସାଇକେଲକୁ ମାତ୍ର ୫ଶହ ଲେଖାଏ ଟଙ୍କାରେ କବାଡିଖାନାକୁ ବିକ୍ରି କରି ବିଏମ୍‌ସି ସମାଲୋଚନାର ଶିକାର ହୋଇଥିଲା। ପରେ ଖରାପ ହୋଇଯାଇଥିବା କିଛି ସାଇକେଲର ମରାମତି କରି ପୁନର୍ବାର ଏହାକୁ ଚଳାଇବା ପାଇଁ ଚେଷ୍ଟା କରିଥିଲା। ମାତ୍ର ଏହାକୁ ବ୍ୟବହାର କରିବା ପାଇଁ ଏକ ସ୍ୱତନ୍ତ୍ର ଆପ୍‌ର ଆବଶ୍ୟକତା ରହିଥିଲା। ଅଧିକାଂଶ ଲୋକ ଏହି ଆପ୍‌ର ବ୍ୟବହାର ଜାଣି ପାରି ନ ଥିବାରୁ ଧୀରେଧୀରେ ମୋ ସାଇକେଲ ପ୍ରତି ବିମୁଖତା ଦେଖା ଦେଇଥିଲା। ଏହା ବ୍ୟତୀତ ସାଇକେଲ୍‌ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ତାହା ବର୍ଜ୍ୟ ପାଲଟିଥିଲା। କେବଳ ସେତିକି ନୁହେଁ, ଅନେକ ମୋ ସାଇକେଲ ଚୋରି ମଧ୍ୟ ହୋଇଯାଇଛି। ଫଳରେ ପୂର୍ବରୁ ଯେତିକି ସାଇକେଲ ବିଭିନ୍ନ ଛକଗୁଡ଼ିକରେ ରଖାଯାଉଥିଲା ତାହାର ଅଧା ବି ନାହିଁ। ସହରର କେଉଁ ସ୍ଥାନରେ କେତେ ସାଇକେଲ ରହିଛି ତାହାର ହିସାବ ମଧ୍ୟ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ। ତେଣୁ କବାଡ଼ିଖାନା ପରେ ଏବେ ଚୋରିଖାନାକୁ 'ମୋ ସାଇକେଲ' ଚାଲି ଯାଉଥିବା ଚର୍ଚ୍ଚା ଚାଲିଛି।

# ଉତ୍ସାହ ଭରିଲା ସାଇକ୍ଲୋଥନ



ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଯାଇଛି। ଏହା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ପରେ ରାମମନ୍ଦିର ଛକ, ହାଉସିଂବୋର୍ଡ ଛକ, ପିଏମ୍‌ଜି ଛକ ଦେଇ ପୁଣି ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିଥିଲା। ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ୪ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକଙ୍କ ସହ ସବୁ ବର୍ଗର ସାଇକେଲ ଆରୋହୀ ଅଂଶଗ୍ରହଣ କରିଥିଲେ। ସମସ୍ତ ସାଇକେଲ ଆରୋହୀଙ୍କୁ ଉତ୍ସାହିତ କରିବା ପାଇଁ ବିଏମ୍‌ସି ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଶୁଭେନ୍ଦୁ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ, ପ୍ରିୟବ୍ରତ ପାଢୀ, ରମେଶ ଚନ୍ଦ୍ର ଜେନା, ସହକାରୀ କମିଶନର ଏନ୍. ଗଣେଶ ବାବୁ, ସମସ୍ତ ଜୋନାଲ ଡେପୁଟି କମିଶନର, ଟିମ୍ ସାଇନ୍ ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ବିଏମ୍‌ସି ପକ୍ଷରୁ ୱାକାଥନ୍ କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରା ମାଷ୍ଟର କ୍ୟାଣ୍ଟିନଠାରୁ ବାହାରି ସତ୍ୟନଗରସ୍ଥିତ ବିଏମ୍‌ସି ମୁଖ୍ୟାଳୟ ପର୍ଯ୍ୟନ୍ତ ଯିବ। ଏଥିରେ ବରିଷ୍ଠ ନାଗରିକ, ଯୁବକ, ଯୁବତୀ, କିଶୋର, କିଶୋରୀ, ସବୁ ବର୍ଗର ବ୍ୟକ୍ତି ଅଂଶଗ୍ରହଣ କରିପାରିବେ। ମାଷ୍ଟର କ୍ୟାଣ୍ଟିନ୍ ଛକସ୍ଥିତ ବିଏମ୍‌ସି ରେଜିଷ୍ଟ୍ରେଶନ କାଉଣ୍ଟରରେ ସକାଳ ୭ଟା ପୂର୍ବରୁ ନାମ ପଞ୍ଜୀକରଣ କରାଇବାକୁ କୁହାଯାଇଛି।

### ଆଜି ୱାକାଥନ୍

### ଚୋରି ସ୍କୁଟର ସହ ଅଭିଯୁକ୍ତ ଗିରଫ

ବାରଙ୍ଗ, ୨୧।୧୨ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମ ମୁଣ୍ଡରେ ଭାରତ ଇଭି ଏଣ୍ଟରପ୍ରାଇଜେସ୍‌ରୁ ୩ଟି ସ୍କୁଟର ଚୋରି ହୋଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।। ସେ ହେଲେ ଜଗତ୍‌ସିଂହପୁରର ବିଶ୍ୱନାଥ ମୈତି। ଏନେଇ ପୋଲିସ ୨୦୨/୨୩ରେ ଏକ ମାମଲା ରୁଜୁ କରି ତାଙ୍କଠାରୁ ୩ଟି ସ୍କୁଟର ଜବତ କରିଛି। ପ୍ରକାଶ ଯେ, ବିଶ୍ୱନାଥ ଏହି କମ୍ପାନୀରେ ପୂର୍ବରୁ କାମ କରୁଥିଲେ। କମ୍ପାନୀ ଗୋଦାମ ଘରୁ ୩ଟି ଇଭି ସ୍କୁଟର ଗତମାସ ୨୫ ତାରିଖରେ ଚୋରି ହୋଇଥିବା କମ୍ପାନୀ ମାଲିକ ସରୋଜ ସାହୁ ଅଭିଯୋଗ କରିଥିଲେ। କମ୍ପାନୀ ଓ ତାର ଗୋଦାମ ଘରେ ଲାଗିଥିବା ସିସି କ୍ୟାମେରା ଅନୁଧ୍ୟାନ ବେଳେ ବିଶ୍ୱନାଥ ଓ ତାର ୨ ଜଣ ସହଯୋଗୀ ମିଶି ଗୋଦାମ ଘରୁ ସ୍କୁଟର ଚୋରି କରିଥିବା ଜଣାପଡିଥିଲା। ଏହା ପରଠାରୁ ବିଶ୍ୱନାଥ କମ୍ପାନୀକୁ କାମ କରିବାକୁ ଆସି ନ ଥିଲେ। ବୁଧବାର ରାତିରେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ବିଶ୍ୱନାଥଙ୍କୁ କାବୁ କରିଥିଲା।

### ରାଜଧାନୀ କଲେଜରେ ମନ୍ତ୍ରୀଙ୍କୁ କଳାପତାକା



ଭୁବନେଶ୍ୱର, ୨୧।୧୨(ଅନୁରାଧା ମହାରଣା)

ରାଜଧାନୀ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ମହାବିଦ୍ୟାଳୟରେ ଆୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ କିଛି ଛାତ୍ରୀଛାତ୍ର କଳାପତାକା ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଉଦ୍ଦେଶ୍ୟ ମୂଳକ ଭାବେ ମହାବିଦ୍ୟାଳୟରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ କେବଳ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କୁ ଅତିଥି ଭାବେ ଡକାଯାଉଥିବାରୁ ଏହି ବିରୋଧ କରାଯାଇଥିବା ଜଣାପଡ଼ିଛି। ଉତ୍ସବ ଆରମ୍ଭରୁ ଉତ୍ତେଜନା ସୃଷ୍ଟି ହେବା ସହ ବହୁ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା। ଛାତ୍ରୀଛାତ୍ରୀମାନେ ବିଜେଡି ଗୋ ବ୍ୟାକ, ମନ୍ତ୍ରୀ ଗୋ ବ୍ୟାକ, ଅଶୋକ ପଣ୍ଡା ଗୋ ବ୍ୟାକ ନାରା ଦେଇଥିଲେ।

### ୨୩ରେ କୁମାରୀ ଅର୍ପିତାଙ୍କ 'ଆରଙ୍ଗେତ୍ରମ'

ଭୁବନେଶ୍ୱର, ୨୧।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶୀ ନୃତ୍ୟରେ ମଞ୍ଚପ୍ରବେଶକୁ ଭାରତନାଟ୍ୟମର ଆରଙ୍ଗେତ୍ରମ କୁହାଯାଏ। ଏହିପରିପ୍ରେକ୍ଷୀରେ ଶନିବାର ରେଳ ଅଡିଟୋରିୟମଠାରେ କୁମାରି ଅର୍ପିତା ନାୟକଙ୍କ ଆରଙ୍ଗେତ୍ରମ ଅପରାହ୍ନ ୪ଟାରୁ ଆରମ୍ଭ ହେବ। ପୁଷ୍ପାଞ୍ଜଳି ଓ ଗଣେଷ ଶ୍ଳୋକ, ଆଲାରିପୁ, ଜିତିସ୍ୱରମ, ଦେବୀ ଥାଇ ଶବ୍ଦମ, ବର୍ଣ୍ଣମ୍, କମଳାନାଥ ଏବଂ ଦ୍ୱିତୀୟାର୍ଦ୍ଧରେ ଓଡିଶୀ ଗୀତରେ ଅଭିନୟ, ନାଚନ୍ତି ରଙ୍ଗେ ଶ୍ରୀହରି ନାଟନମ୍ ଆଦିନାର-କୀର୍ତ୍ତନମ, ଚନ୍ଦନଚର୍ଚ୍ଚିତ ନିଲ କଲେବର (ଅଷ୍ଟପଦି), ତିଲ୍ଲାନା ଓ ମଙ୍ଗଳମ ଆଦି ପରିବେଷଣ କରିବେ।

## ମେୟରଙ୍କୁ କେନ୍ଦ୍ର ସଂସ୍କୃତି ବିଭାଗର ଚିଠି

କଟକ, ୨୧।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

### ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରସଙ୍ଗ

କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ଆଶା ସଞ୍ଚାର ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଆବେଦନ କରିବା ପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କୁ ଗୁରୁବାର ଏକ ଚିଠି ଆସିଛି। ଏ ସମ୍ପର୍କରେ ମେୟର କହିଛନ୍ତି, ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ମୁଁ ଓ ଅନ୍ୟ ୮ ଜଣ ଏମ୍‌ପି ମିଳିତ ଭାବେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଜାତୀୟ ମାନ୍ୟତା ପ୍ରଦାନ କରିବାକୁ ସ୍ମାରକପତ୍ର ଦେଇଥିଲୁ। ତେବେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଲେଖି ଜଣାଇଲା ଯେ ଏହି ଜାତୀୟ ମାନ୍ୟତା ପ୍ରଦାନ କ୍ଷମତା ବିଭାଗ ହାତରେ ନାହିଁ। ତେଣୁ ପ୍ରକୃତ ଫୋରମ୍‌ରେ ଏହାକୁ ଉପସ୍ଥାପନ କରିବାକୁ ଚିଠି ଆସିଥିଲା। ପ୍ରକୃତରେ କେଉଁଠି ଆବେଦନ କଲେ ଜାତୀୟ ମାନ୍ୟତା ମିଳିବ ବୋଲି ଆମେ ପାଲଟା ଚିଠି ଲେଖିଥିଲୁ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏହି କ୍ଷମତା ରହିଛି ବୋଲି ଚିଠି ଆସିଛି। ତେଣୁ ଆମେ ପ୍ରକୃତ ଫୋରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଆବେଦନ କରିବୁ ବୋଲି ମେୟର କହିଛନ୍ତି।

## ଟାଟା ପାୱାର ଓ ଦକ୍ଷତା ବିକାଶ ବିଭାଗ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୧।୧୨ (ଅନୁରାଧା ମହାରଣା)




ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ଟାଟା ପାୱାର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନର ସମ୍ମିଳନୀ କକ୍ଷରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଡିଟିଇଟିର ନିର୍ଦ୍ଦେଶକ ରେଘୁ ଜି. ଏବଂ ଟାଟା ପାୱାରର ଟି ଆଣ୍ଡ୍ ଡି ସଭାପତି ସଞ୍ଜୟ ବଙ୍ଗା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଫଳରେ ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି, ଯାହା ଛାତ୍ରୀଛାତ୍ରଙ୍କୁ ଶକ୍ତି କ୍ଷେତ୍ରରେ ବର୍ଦ୍ଧିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ପ୍ରଥମ ବର୍ଷରେ ଟାଟା ପାୱାର ଦକ୍ଷତା ବିକାଶ କେନ୍ଦ୍ର ନିକଟରେ ଥିବା ୨୦ଟି ସରକାରୀ ଆଇଟିଆଇରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା କରିଛି। ପରବର୍ତ୍ତୀ ବର୍ଷଗୁଡ଼ିକରେ ଅନ୍ୟ ଆଇଟିଆଇକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ । ଟାଟା ପାୱାର ଓଡ଼ିଶାର ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ସହ ପରାମର୍ଶ କରି ଏଭଳି ମଡ୍ୟୁଲ୍ ପ୍ରସ୍ତୁତ କରିବ, ଯେଉଁଥିରେ ଛାତ୍ରୀଛାତ୍ରଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ବାସ୍ତବ ଦୁନିଆର ଅନୁଭୂତି ପ୍ରଦାନ କରିବା ପାଇଁ ଛାତ୍ରୀଛାତ୍ରମାନେ ଡିସ୍କମର ହ୍ୟାଣ୍ଡସ୍ ଅନ୍ ଟ୍ରେନିଂ ସେଣ୍ଟର ପରିଦର୍ଶନ କରିବେ । ଏହି ପ୍ରଦର୍ଶନ ସେମାନଙ୍କୁ ଦୈନନ୍ଦିନ କାର୍ଯ୍ୟକୁ ସୁରକ୍ଷିତ ଏବଂ ଦକ୍ଷତାର ସହ ସମ୍ପାଦନ କରିବାରେ ସାହାଯ୍ୟ କରିବ ଏହା ବ୍ୟତୀତ ନେଟ୍‌ୱାର୍କ କଣ୍ଟ୍ରୋଲ ସେଣ୍ଟର, ସ୍ମାର୍ଟ ମିଟର ଲ୍ୟାବ ଏବଂ ୩୩/୧୧ କେଭି ସବ୍ ଷ୍ଟେସନ ପରିଦର୍ଶନ କରି ବିଦ୍ୟୁତ କ୍ଷେତ୍ରର ଉପକରଣ ସମ୍ପର୍କରେ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାକୁ ଯୋଜନା କରାଯାଇଛ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶର ଅଧିକାରୀ ଓ କର୍ମକର୍ତ୍ତାଙ୍କ ସମେତ ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
Odisha Real Estate Regulatory Authority
ORERA

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

**Facilitation Center (ସହଯୋଗ କେନ୍ଦ୍ର)**
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ ।

**CDR ସେଲ୍**
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି ।

**QPR**
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ ।

**ORERA Regn. No. ଏବଂ website**
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ । ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

**ନୃସିଂହନାଥ ଦେବଙ୍କ ଜମିଜମା ରେକର୍ଡ ସଂଶୋଧନ ପାଇଁ ନିର୍ଦ୍ଦେଶ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ବୋଧପୁର ଗ୍ରାମର ନୃସିଂହନାଥ ଦେବଙ୍କ ଜମିଜମା ରେକର୍ଡରେ ସେବାୟତମାନେ ମାର୍ଫତଦାର ରହିଥିଲେ। ବର୍ତ୍ତମାନ ଦେବୋତ୍ତର କମିଶନରଙ୍କ ଅନୁମତିକ୍ରମେ ଏଠାରେ ଗଠିତ ନୂଆ ଟ୍ରଷ୍ଟବୋର୍ଡ ନାମକୁ ଜମିପଟ୍ଟାରେ ଅନ୍ତର୍ଭୁକ୍ତ କରିବା ପାଇଁ ଉପ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱର ପତ୍ରସଂଖ୍ୟା୧୩୯୭୩(୩)/୧୯।୧୨।୨୦୨୩ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ରେକର୍ଡ ସଂଶୋଧନ କିଶନ ନଗର, ନିଶ୍ଚିନ୍ତକୋଇଲି ଓ ବିଡ଼ିଡ଼ି ତହସିଲଦାରଙ୍କ ଦ୍ୱାରା କରାଯିବ। ଫଳରେ ଜବରଦଖଲରେ ଥିବା ଜମିକୁ ଅବରୋଧ ମୁକ୍ତ କରିବାରେ ସହାୟକ ହେବ। ଏହାଛଡା ଘରୋଇ ମାଲିକାନାରେ ଥିବା ଜମିରୁ ରାଜସ୍ୱ ଆଦାୟ ଟ୍ରଷ୍ଟ ବୋର୍ଡ କରିପାରିବ।

## ସଂକ୍ଷେପରେ

### ମଡର୍ନ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ମଡର୍ନ ପବ୍ଲିକ ସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ପୋରେଟର ପୁଷ୍ପିତା ଦାସ, ଭାନୁ ସେନାପତି, ଓଡ଼ିଶା ବ୍ୟାଙ୍କ ଅଫିସର ସଂଘର ନେତା ଅଶୋକ ତା, ବିଦ୍ୟାଳୟର ଯୁଗ୍ମସମ୍ପାଦକ ସାଧୁଚରଣ ପ୍ରଧାନ, ପରିଚାଳକ ବିଜୟ କୁମାର ସାହୁ, ଭ୍ରମରବର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସମ୍ପାଦକ କିଶୋର ଜେନା ସ୍ୱାଗତ ଭାଷଣ ଓ କ୍ରୀଡା ଶିକ୍ଷକ ଇସ୍‌ମାଇଲ ଖାନ୍, ସତ୍ୟବ୍ରତ ସ୍ୱାଇଁ, ତନୟା ମିଶ୍ର, ରଞ୍ଜିତା ମହାନ୍ତି, ଜିତା ପଟ୍ଟନାୟକ, ସୁଖଲତା ଷଡଙ୍ଗୀ, ଉର୍ମି ପାଣି, ନିରଜା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କେମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବ

କଟକ,୨୧।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)

କେମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବ କ୍ୟାମ୍ପ ଫେଷ୍ଟ-୨୦୨୩ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ କଟକର ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରଦର ଥମୋସ ଜନ ଓ ଉପାଧ୍ୟକ୍ଷ ବ୍ରଦର ସେବାଷ୍ଟିଆନ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଆଇସିଏସ୍‌ଇ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଶତ ପ୍ରତିଶତ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# କ୍ଷତିପୂରଣ ଦାବିରେ କାରଖାନା ସମ୍ମୁଖରେ ଧାରଣା

## କ୍ରେନ୍‌ରେ ଶ୍ରମିକଙ୍କ ଆଙ୍ଗୁଠି କଟିଲା

ଖୁଣ୍ଟୁଣୀ, ୨୧।୧୨(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଷ୍ଟେଶନଠାରେ ନିର୍ମାଣାଧୀନ ବି.କେ. ଷ୍ଟିଲ କାରଖାନାରେ ଅଘଟଣ ଘଟିଛି। ଅପରେଟରଙ୍କ ଅସାବଧାନତା ଯୋଗୁ କ୍ରେନ୍ ଚଢ଼ିଯିବାରୁ ରଙ୍ଗ କରୁଥିବା ଜଣେ ଠିକା ଶ୍ରମିକଙ୍କ ବାମ ହାତର ଏକ ଆଙ୍ଗୁଠି କଟିଯାଇଛି। ସେ ହେଲେ ଖୁଣ୍ଟୁଣୀ ପଥରକଟା ସାହିର ରାଜେନ୍ଦ୍ର ବାରିକ। ଚିକିତ୍ସା ଲାଗି ତାଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରାଜେନ୍ଦ୍ର କାରଖାନାରେ ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ରାଜେନ୍ଦ୍ରଙ୍କ ଆହତ ଖବରପାଇ ପରିବାର ସଦସ୍ୟ ଓ ଗ୍ରାମବାସୀ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ରାଜେନ୍ଦ୍ରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ



ଧାରଣାରତ ରାଜେନ୍ଦ୍ରଙ୍କ ପରିବାର ସଦସ୍ୟଙ୍କୁ କାରଖାନା କର୍ତ୍ତୃପକ୍ଷ ବୁଝାଉଛନ୍ତି।

କାରଖାନା କର୍ତ୍ତୃପକ୍ଷ ବହନ କରିବା, କ୍ଷତିପୂରଣ ପ୍ରଦାନ, ସେ ଆରୋଗ୍ୟ ହୋଇ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ତାଙ୍କୁ ମାସିକ ପୁରା ଦରମା ପ୍ରଦାନ, ଯଦି ସମ୍ପୂର୍ଣ୍ଣ ଅଚଳ ହୋଇଯାଆନ୍ତି ତେବେ ତାଙ୍କ ସାନଭାଇଙ୍କୁ ଚାକିରି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଖବରପାଇ କାରଖାନାର ଲୋକସମ୍ପର୍କ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଅଧିକାରୀ ରାଜେଶ ସିଂହ, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଧାରଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରାଜେନ୍ଦ୍ରଙ୍କୁ କାରଖାନା ପକ୍ଷରୁ ସ୍ୱତନ୍ତ୍ର କ୍ଷତିପୂରଣ ଦିଆଯିବା ସହିତ ସେ କାର୍ଯ୍ୟକ୍ଷମ ହେବ ପର୍ଯ୍ୟନ୍ତ ତାଙ୍କୁ ପୁରା ଦରମା ପ୍ରଦାନ କରାଯିବ ବୋଲି ଲୋକସମ୍ପର୍କ ଅଧିକାରୀ ସାହୁ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସ ବିହୀନ ମହାସଂଗ୍ରାମୀ



ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଶିଷ୍ଟ ଜନନେତା ତଥା ପୂର୍ବତନ ଏମ୍‌ପି ପ୍ରଦ୍ୟୁମ୍ନ ବଳଙ୍କ ୨୪ତମ ସ୍ମୃତି ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ପାଳିତ ହୋଇଯାଇଛି। 'ଆଗାମୀ ଶତାବ୍ଦୀ' ପତ୍ରିକାର ସମ୍ପାଦକ ସେକ୍ ମସୁଦ ଅଲିଙ୍କ ସଭାପତିତ୍ୱ ଅନୁଷ୍ଠିତ ଉତ୍ସବକୁ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ନେତାଜୀ ଅଭିନନ୍ଦନ ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସ ବିହୀନ ସଂଗ୍ରାମୀ। ତାଙ୍କ ଜୀବନାଦର୍ଶ ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଖବରଦାତା ଶିବ ମହାନ୍ତିଙ୍କୁ ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ହେଲେ ଶିବଙ୍କ ଅନୁପସ୍ଥିତିରେ ଅରବିନ୍ଦ ପଣ୍ଡା ସମ୍ମାନ ଗ୍ରହଣ କରିଛନ୍ତି। ସୁକାନ୍ତ ନନ୍ଦ ପ୍ରାରମ୍ଭିକ ସୂଚନା, ପଣ୍ଡିତ ପ୍ରଭାତ କୁମାର କର ସ୍ୱାଗତ ଭାଷଣ, ଆଇନଜୀବୀ ଦୀପକ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ପ୍ରଦ୍ୟୁମ୍ନ ବାରିକ ଧନ୍ୟବାଦ ଦେଇଥିଲେ।



୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର କଟକ ଏସ୍‌ସିବି ମେଡିକାଲ କଲେଜର ରୂପାନ୍ତରଣ କାର୍ଯ୍ୟ ଓ ଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ଚୌଦ୍ୱାରରେ ହେବ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ

ଚୌଦ୍ୱାର,୨୧।୧୨(ଆଶୁତୋଷ ଦାସ)

କଟକ ଜିଲାସ୍ତରୀୟ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଚୌଦ୍ୱାରଠାରେ ଆୟୋଜନ କରାଯିବ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି। କଟକ ଜିଲାପାଳ ନରହରି ସେଠୀ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଉପ ଜିଲ୍ଲାପାଳ କମଳଜିତ୍ ଦାସ, ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଗୁରୁବାର ଚୌଦ୍ୱାର ଆସି ଏଥିପାଇଁ ସ୍ଥାନ ନିରୂପଣ କରିଛନ୍ତି। ଚୌଦ୍ୱାର ପୌରପାଳିକା ୧୧ ନମ୍ବର ୱାର୍ଡ଼ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ଆସନ୍ତା ଜାନୁୟାରୀ ୫ ତାରିଖରେ ଏହି କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିର ହୋଇଛି। ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର, ଆରଟିଓ ପ୍ରମୁଖ ଜିଲାପାଳଙ୍କ ସହିତ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ କରି ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, କାଉନସିଲର ସୁବ୍ରତ ସାମଲ, ଯୁବନେତା ଅର୍ଜୁନ ପଣ୍ଡା ପ୍ରମୁଖ ଜିଲାପାଳ ଓ ଅଧିକାରୀମାନଙ୍କୁ ପ୍ରସ୍ତାବିତ କାର୍ଯ୍ୟକ୍ରମ ସ୍ଥଳ ବୁଲାଇ ଦେଖାଇବା ସହିତ ଉତ୍ସବକୁ ସଫଳ କରିବା ଦିଗରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# 'ବାଲିଯାତ୍ରା ଦୁର୍ନୀତି ଅଭିଯୋଗ ଭିତ୍ତିହୀନ'

କଟକ,୨୧।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ସ୍ପଷ୍ଟୀକରଣ ରଖିଛନ୍ତି। ଏ ନେଇ ଗୁରୁବାର ଗଡ଼ଖାଇ ପରିସରସ୍ଥ ମେୟରଙ୍କ କ୍ୱାର୍ଟର୍ସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବାସ କହିଛନ୍ତି, ବାଲିଯାତ୍ରା ଖର୍ଚ୍ଚ ବାବଦରେ ଏପର୍ଯ୍ୟନ୍ତ କାହାକୁ ଟଙ୍କାଟିଏ ଦିଆଯାଇନାହିଁ। ବାଲିଯାତ୍ରା ପାଇଁ ଗଠନ ହୋଇଥିବା ଯାଞ୍ଚ କମିଟିର ତଦନ୍ତ ରିପୋର୍ଟ ଆଧାରରେ ଟଙ୍କା ଦିଆଯିବ। ଏପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇ ନ ଥିବାବେଳେ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି କିପରି ହେଲା ବୋଲି ମେୟର ପ୍ରଶ୍ନ ଉଠାଇଛନ୍ତି। ଟେଣ୍ଡରରେ ଉଲ୍ଲେଖ ଥିବା କିଛି କାର୍ଯ୍ୟ ମେୟରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶରେ ବାତିଲ କରାଯାଇଛି। ତୋରଣ ଓ ଡେକୋରେସନରେ ମଧ୍ୟ ସଂଶୋଧନ ଅଣାଯାଇ ୪ ଲକ୍ଷ ମୂଲ୍ୟକୁ ବିଧାୟକ ୩୨ ଲକ୍ଷ ଟଙ୍କା କହିବା ଭିତ୍ତିହୀନ। ବିଧାୟକ ଠିକ୍ ତଥ୍ୟ ନ ଜାଣି ଭିତ୍ତିହୀନ ଅଭିଯୋଗ ଆଣିବା ହାସ୍ୟାସ୍ପଦ। ଚଳିତବର୍ଷ ବାଲିଯାତ୍ରାରେ ୪ କୋଟି ଟଙ୍କା ବ୍ୟୟ ପାଇଁ ଅଟକଳ ହୋଇଥିବାବେଳେ ବିଧାୟକ ୮ କୋଟିର ଦୁର୍ନୀତି କହିବା ଦାୟିତ୍ୱହୀନ ମନ୍ତବ୍ୟ ଛଡ଼ା ଆଉ କିଛି ନୁହେଁ। ବାଲିଯାତ୍ରା ପାଇଁ ରାଜ୍ୟ ସରକାର ବ୍ୟୟବରାଦ କରୁଛନ୍ତି। କଟକର ରୂପାନ୍ତରଣ ଦେଶବାସୀ ଦେଖୁଛନ୍ତି। କଟକକୁ ନୂଆ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଚାହିଁଛନ୍ତି। ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ଉଦ୍ୟମ କରାଯାଉଥିବାବେଳେ ବିଧାୟକ ବିନା ତଥ୍ୟରେ ଦୁର୍ନୀତି ଅଭିଯୋଗ ଆଣିବା ଗ୍ରହଣୀୟ ନୁହେଁ ବୋଲି ମେୟର କହିଛନ୍ତି।

# ମେୟରଙ୍କୁ କେନ୍ଦ୍ର ସଂସ୍କୃତି ବିଭାଗର ଚିଠି

**ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରସଙ୍ଗ**

- ଗୃହ ମନ୍ତ୍ରଣାଳୟରେ ଦାବି ଉପସ୍ଥାପନ କରାଯିବ

କଟକ,୨୧।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ଆଶା ସଞ୍ଚାର ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ପ୍ରକୃତ ଫୋରମରେ ଆବେଦନ କରିବା ପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କୁ ଗୁରୁବାର ଏକ ଚିଠି ଆସିଛି। ଏ ସମ୍ପର୍କରେ ମେୟର କହିଛନ୍ତି, କଟକର ବାଲିଯାତ୍ରା ହେଉଛି କଳା ଓ ସଂସ୍କୃତିର ଗୌରବ। କେଉଁ କାଳରୁ ଏହି ଉତ୍ସବ ପାଳିତ ହୋଇଆସୁଛି। ୨୦୧୯ରେ କଟକ ବାଲିଯାତ୍ରାର ରୂପରେଖ ବଦଳିଥିଲା। ସେବେଠାରୁ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ମୁଁ ଓ ଅନ୍ୟ ୮ ଜଣ ଏମ୍‌ପି ମିଳିତ ଭାବେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଜାତୀୟ ମାନ୍ୟତା ପ୍ରଦାନ କରିବାକୁ ସ୍ମାରକପତ୍ର ଦେଇଥିଲୁ। ତେବେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଲେଖି ଜଣାଇଲା ଯେ ଏହି ଜାତୀୟ ମାନ୍ୟତା ପ୍ରଦାନ କ୍ଷମତା ବିଭାଗ ହାତରେ ନାହିଁ। ତେଣୁ ପ୍ରକୃତ ଫୋରମ୍‌ରେ ଏହାକୁ ଉପସ୍ଥାପନ କରିବାକୁ ଚିଠି ଆସିଥିଲା। ପ୍ରକୃତରେ କେଉଁଠି ଆବେଦନ କଲେ ଜାତୀୟ ମାନ୍ୟତା ମିଳିବ ବୋଲି ଆମେ ପାଲଟା ଚିଠି ଲେଖିଥିଲୁ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏହି କ୍ଷମତା ରହିଛି ବୋଲି ଚିଠି ଆସିଛି। ତେଣୁ ଆମେ ପ୍ରକୃତ ଫୋରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଆବେଦନ କରିବୁ ବୋଲି ମେୟର କହିଛନ୍ତି।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଟକ ସଦର, ୨୧।୧୨ (ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ କିଶୋର ନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜର ମିଳିତ ଆନୁକୂଲ୍ୟରେ ଗୁରୁବାର ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ସଂଯୋଜକ ଭାବେ ପ୍ରଧାପକ ସାରଦା ପ୍ରସନ୍ନ ମହାପାତ୍ର, ସମ୍ମାନିତ ଅତିଥି ଭାବେ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜିତ୍ କୁମାର ମୁଖାର୍ଜୀ ଯୋଗଦେଇଥିଲେ। ଅଧ୍ୟାପକ ଅନାଦି ଚରଣ ବରାଳ ଅତିଥି ପରିଚୟ, କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ବିନୟ ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କଟକ ବକ୍ସିବଜାରଠାରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

# ସମସ୍ତ ପ୍ରକ୍ରିୟା ନିୟମ ଅନୁଯାୟୀ କରାଯାଇଛି: ଅବିନାଶ

**କିଡ୍‌ନୀ ପାଇଁ ୧୨.୫ ଲକ୍ଷ ନେବା ଘଟଣା**

- ତଦନ୍ତ ଜାରି ରହିଛି: ଡିସିପି

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କିଡ୍‌ନୀ ଦେବା ପାଇଁ କହି ବାଲେଶ୍ୱର ଅଞ୍ଚଳର ଦମ୍ପତି ମାର୍କଣ୍ଡ ନାଥ ଓ ଶାନ୍ତିଲତା ନାଥ ୧୨ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା କେନ୍ଦୁଝର ଜିଲା ଖାଇଲୋ ଅଞ୍ଚଳର କୁଦୁଲୁ କୁମାର ମାଝି ଓ ତାଙ୍କ ସ୍ତ୍ରୀ ଦୁଲାରୀ ହେମ୍ବ୍ରମ ବୁଧବାର ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଦମ୍ପତିଙ୍କୁ ଥାନାରେ ଅଟକ ରଖାଯାଇ ବୁଧବାର ଓ ଗୁରୁବାର ପଚରା ଉଚରା ଜାରି ରହିଛି। ଥାନାରେ ଏକ ମାମଲା (ନଂ.୩୫୫/୨୩) ରୁଜୁ ହୋଇଛି।

ଅପରପକ୍ଷରେ ଏସ୍‌ସିବି ମେଡ଼ିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ମେଡ଼ିକାଲ ରେକର୍ଡ ଅନୁଯାୟୀ ସମସ୍ତ ପ୍ରକ୍ରିୟା ନିୟମ ଅନୁଯାୟୀ କରାଯାଇଛି। ଏସ୍‌ସିବିରେ କୁଦୁଲ ଚିକିତ୍ସିତ ହେଉଥିଲେ। ତାଙ୍କର କିଡ୍‌ନୀ ପ୍ରତିରୋପଣର ଆବଶ୍ୟକତା ଥିଲା। ତେଣୁ ତାଙ୍କ ଭାଇ କିଡ୍‌ନୀ ଦେବା ନେଇ ସେ ହସ୍ପିଟାଲ ଲେବୁଲ ଅଥରାଇଜେସନ କମିଟିରେ ନାମ



ଅବିନାଶ ରାଉତ

ପଞ୍ଜୀକରଣ କରିଥିଲେ। ପରେ ଉଭୟଙ୍କ ପରୀକ୍ଷା କରାଯାଇଥିଲା। ହେଲେ ନମୁନା ମେଳ ନ ଖାଇବାରୁ କୁଦୁଲଙ୍କ ଭାଇ କିଡ୍‌ନୀ ଦେବାରେ ସକ୍ଷମ ହୋଇ ନ ଥିଲେ। ପରେ କୁଦୁଲ ଅନ୍ୟ ବ୍ୟକ୍ତିଙ୍କଠାରୁ କିଡ୍‌ନୀ ଦାନ ପାଇଁ ପଞ୍ଜୀକରଣ କରିଥିଲେ। ହେଲେ ଏଥିପାଇଁ ହସ୍ପିଟାଲ ଲେବୁଲ ଅଥରାଇଜେସନ କମିଟିର ନିୟମ ନ ଥିଲା। ଏ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଲେବୁଲ ଅଥରାଇଜେସନ କମିଟିକୁ କୁହାଯାଇଥିଲା। ଯାହାକି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ରହିଛି। ଉକ୍ତ କମିଟି ୨୦୨୩ ସେପ୍ଟେମ୍ବରରେ ଆପତ୍ତି ବିହୀନ ପ୍ରମାଣପତ୍ର(ଏନ୍‌ଓସି) ଜରିଆରେ କୁଦୁଲଙ୍କୁ କିଡ୍‌ନୀ ଦେବା ପାଇଁ ଶାନ୍ତିଲତାଙ୍କୁ କହିଥିଲା। ଆଇନ ଅନୁଯାୟୀ କିଡ୍‌ନୀ ଦାନ ନେଇ କୌଣସି ଟଙ୍କା ଦେବାନେବାର ନିୟମ ରହିନାହିଁ। ଏସ୍‌ସିବି ମେଡ଼ିକାଲରେ ଏକ ସ୍କ୍ୱାଡ୍ ଏଦିଗରେ କାମ କରୁଛି। ତେବେ ଗଣମାଧ୍ୟମ ଜରିଆରେ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛୁ ଏଭଳି ଘଟଣା ନଜରକୁ ଆସିଲେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ। ଡିସିପି ପିନାକ ମିଶ୍ର କହିଛନ୍ତି, ଏସ୍‌ସିବି ମେଡ଼ିକାଲରେ କିଡ୍‌ନୀ ଦେବା ପାଇଁ ଆର୍ଥିକ ବୁଝାମଣା ଉଭୟଙ୍କ ମଧ୍ୟରେ ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ କିଡ୍‌ନୀ ଦାତା ଟଙ୍କା ନେଇ କିଡ୍‌ନୀ ଦେବାକୁ ପ୍ରସ୍ତୁତ ହେଲେ ନାହିଁ। ଅଭିଯୋଗ ହେବା ପରେ ଥାନାରେ ମାମଲା ରୁଜୁ ହୋଇଛି। ଏଥିସହ ତଦନ୍ତ ପାଇଁ ଅତିରିକ୍ତ ଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଅଙ୍ଗଦାନ ପାଇଁ ଥିବା ପ୍ରକ୍ରିୟା ଅନୁଯାୟୀ ସେମାନଙ୍କର ମଧ୍ୟରେ ଚୁକ୍ତି ହୋଇଛି କି ନାହିଁ ତାହା ଜାଣିବାକୁ ପଡିବ। ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।




କଟକ ସିଡିଏସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ODISHA REAL ESTATE REGULATORY AUTHORITY ORERA

Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

**Facilitation Center (ସହଯୋଗ କେନ୍ଦ୍ର)**

ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

**CDR ସେଲ୍**

Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

**QPR**

Quarterly Progress Report (QPR) ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

**ORERA Regn. No. ଏବଂ website**

ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୧।୧୨।୨୦୨୩

| ୩,୫୧,୯୯୨ ଟଙ୍କା | |
|---|---|
| ସୁନା | ୦.୮୫୦ ଗ୍ରାମ୍ |
| ରୁପା | ୧୪୭.୫୦୦ ଗ୍ରାମ୍ |

# ୨୬ରେ ଶ୍ରୀଲିଙ୍ଗରାଜଙ୍କୁ କରାଯିବ ନିମନ୍ତ୍ରଣ

### ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ

**ପୁରୀ,୨୧।୧୨(ଅଜିତ୍ ମହାନ୍ତି):** ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଗୁରୁବାର ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣପତ୍ର ସମର୍ପଣ କରାଯିବା ପରେ ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କେଉଁ ସେବାୟତ, କେଉଁ ତୀର୍ଥସ୍ଥଳୀ, ମନ୍ଦିରକୁ ଯିବେ ତା'ର ତାଲିକା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୬ ତାରିଖରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପତ୍ର ସମର୍ପଣ କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ପତ୍ର ଦିଆଯିବ। ସେହିଦିନଠାରୁ ରାଜ୍ୟ ଭିତରେ ୧୪ଟି ଓ ରାଜ୍ୟ ବାହାରକୁ ୧୭ଟି ଟିମ୍ ଯାତ୍ରା କରିବ। ରାଜ୍ୟ ବାହାରକୁ ଯାତ୍ରା କରିବାକୁ ଥିବା ପ୍ରତି ସେବାୟତ ଟିମ୍ ସହ ଜଣେ ବରିଷ୍ଠ ଅଧିକାରୀ ରହିବେ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟପ୍ରଦେଶ ଉଜ୍ଜୟିନୀ ଯାଇ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି, ବୈଠକରେ କେଉଁ ଟିମ୍ କେଉଁଠାକୁ ଯିବେ ସେନେଇ ଆଲୋଚନା ହୋଇଛି। ଓଡ଼ିଶା ବାହାର ୧୭ଟି ସ୍ଥାନକୁ ୬୩ ଜଣ ସେବାୟତ ଯିବେ। ସେମାନଙ୍କ ମଧ୍ୟରୁ ୧୨ଟି ସ୍ଥାନକୁ ୪ ଜଣ ଲେଖାଏ ଏବଂ ୫ଟି ସ୍ଥାନକୁ ୩ଜଣ ଲେଖାଏ ସେବାୟତ ଯିବେ। ମୋଟ ୬୩ ଜଣ ସେବାୟତ ରାଜ୍ୟ ବାହାରକୁ ଯାଇ ପ୍ରମୁଖ ମନ୍ଦିରରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ। ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏଁ ବରିଷ୍ଠ ପ୍ରଶାସନିକ ଅଧିକାରୀ ରହିବେ। ସେହିପରି ୧୩ ଟିମ ରାଜ୍ୟର ସମସ୍ତ ଜିଲା ଗସ୍ତ କରିବେ। ଆସନ୍ତା ୨୬ ତାରିଖରୁ ଟିମ୍ ଯାତ୍ରା ଆରମ୍ଭ କରିବେ। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଯେଉଁ ସବୁ ସ୍ଥାନରୁ ବିଭିନ୍ନ ନବକଳେବର ସମୟରେ ଦାରୁ ବାହାରିଥିଲା, ସେଠାକୁ ଦଇତାପତି ନିଯୋଗ ଯାଇ ସେଠାକାର ଜିଲାପାଳଙ୍କ ସହ ଆଲୋଚନା କରି ୨ଜଣ ଲେଖାଏ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରିବ।

# ପ୍ରାଇଡ୍ ଅଫ୍ ଶ୍ରୀକ୍ଷେତ୍ର ପୁରସ୍କାର ପ୍ରଦାନ

**ପୁରୀ, ୨୧।୧୨(ଅଜିତ୍ ମହାନ୍ତି):** ପୁରୀ ଇଣ୍ଟେଲେକ୍ଟସ୍ ପକ୍ଷରୁ ନେହେରୁ ଯୁବକେନ୍ଦ୍ର ସହଯୋଗରେ ୟୁଥ୍ ହଷ୍ଟେଲରେ ପ୍ରାଇଡ୍ ଅଫ୍ ଶ୍ରୀକ୍ଷେତ୍ରର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଅନୁଷ୍ଠାନର ସଭାପତି ଜୟଶଙ୍କର ଜୋଷୀ, ସଂଯୋଜକ ସବ୍ୟସାଚୀ ରଥ, ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସେବାୟତ ଭଗବାନ ସୁଆର, ପୁରୀ କନଷ୍ଟେବଲ ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ମଞ୍ଚାସୀନ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

ପୁରୀର ଅତୀତ ଓ ବର୍ତ୍ତମାନ ମଧ୍ୟରେ ଥିବା ସମ୍ପର୍କ ଏବଂ ବ୍ୟବସ୍ଥାର ପାର୍ଥକ୍ୟ ନେଇ ଆଲୋଚନା ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବାୟତ ଗୋପାଳଚନ୍ଦ୍ର ଖୁଣ୍ଟିଆ ଓ ଭୁବନ ମୋହନ ପୂଜାପଣ୍ଡା, ଭଗବାନ୍ ସୁଆର, ଗଣମାଧ୍ୟମ ପ୍ରତିନିଧି ଶୈଳେନ୍ଦ୍ର ଆଚାର୍ଯ୍ୟ ଓ ଜୟକୃଷ୍ଣ ଦାସ, ଓଡ଼ିଶୀ ନୃତ୍ୟାଙ୍ଗନା ସ୍ନେହାଞ୍ଜଳି ଭୋଳ, କ୍ରୀଡ଼ାବିତ୍ ସନ୍ତୋଷ କୁମାର ସାହୁ, ଟୁର୍ ଅପରେଟର୍ ଅଜୟ କୁମାର ପ୍ରଧାନ, ସାମାଜିକ କର୍ମୀ ଅଶୋକ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମିଶ୍ର ଏବଂ ରାକେଶ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାକୁ ଖବରଦାତା ସଞ୍ଜୀବ ରଥଶର୍ମା ପରିଚାଳନା କରିଥିଲେ।

# ଗୋଟିଏ ଜମି ଦୁଇ ଥର ବିକ୍ରି

**ପିପିଲି,୨୧।୧୨(ଦୁର୍ଗା ମାଧବ ମିଶ୍ର)** ପିପିଲି ଥାନା ଅଧୀନ ବଲ୍ଲଭପୁର ମୌଜାରେ ଗୋଟିଏ ଜମିକୁ ୨ ଥର ବିକ୍ରି କରିବା ନେଇ ଜମି ମାଲିକଙ୍କ ନାମରେ ପିପିଲି ଥାନାରେ ଅଭିଯୋଗ ହୋଇଛି। ଥାନା ଅଧିକାରୀ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇଛନ୍ତି। ଅଭିଯୋଗରୁ ଜଣାପଡ଼ିଛି, ବଲ୍ଲଭପୁର ମୌଜାର ଫାଇନାଲ ଚକବନ୍ଦୀ ଖାତା ୯୮ ଚକ ନମ୍ବର ୩୦ ପ୍ଲଟ ନମ୍ବର ୧୫୨ ରକବା ଏ ୦.୫୨ ଡିସିମିଲ ସୁବାସ ଚନ୍ଦ୍ର ରାଉଳଙ୍କ ନାମରେ ରେକର୍ଡ ଥିବାବେଳେ ତା ମଧ୍ୟରୁ ଏ ୦.୫୨ ଡିସିମିଲ ମଧ୍ୟରୁ ଏ ୦.୧୮ ଡିସିମିଲ ସେହି ଗ୍ରାମର ରଘୁନାଥ ଦାସଙ୍କୁ ୧୯୯୯ ମସିହାରେ ଦଲିଲ ନମ୍ବର ୮୩୭ରେ ରେଜିଷ୍ଟ୍ରି କରିଥିଲେ। ତା ମଧ୍ୟରୁ ପ୍ରମୋଦ ଦାସଙ୍କୁ ୧୯୯୫ ମସିହାରେ ଦଲିଲ ନମ୍ବର ୧୨୩୬ରେ ଏ ୦.୦୪ ଡିସିମିଲ, ମଙ୍ଗୁଳି ଦାସଙ୍କୁ ୧୯୯୫ ମସିହାରେ ଦଲିଲ ନମ୍ବର ୧୨୩୫ରେ ଏ ୦.୦୪ ଡିସିମିଲ ଓ ଧ୍ରୁବ ଚରଣ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ଏ ୦.୦୭ ଡିସିମିଲ ମୋଟ ଏ ୦.୩୩ ଡିସିମିଲ ବିକ୍ରୟ କରିଥିବାବେଳେ ଦଲିଲ ଗ୍ରହୀତାମାନେ ଖର୍ଦି ଦଖଲକାରୀ ଅଛନ୍ତି। ଉକ୍ତ ଜମି ଚକ ଯୋଗ୍ୟ ଥିବାରୁ ତାହା ବିକ୍ରି ଗ୍ରହିତାଙ୍କ ନାମରେ ହୋଇପାରି ନ ଥିବା ଜାଣି ଜମି ମାଲିକ ଏହି ଚକ ଜମିକୁ ଚଞ୍ଚକତା ଭାବେ କିସମ ବଦଳାଇ ଘରବାଡିରେ ରେକର୍ଡ କରି ଭୁବନେଶ୍ୱରର ୨ ଜଣ ଲୋକଙ୍କୁ ସମ୍ପୂର୍ଣ୍ଣ ଏ ୦.୫୨ ଡିସିମିଲକୁ କରି ଦେଇଥିବା ନେଇ ଅଭିଯୋଗକାରୀ ଓଡ଼ିଶା ହାଇକୋର୍ଟରେ ସିଆର୍‌ଏମ୍‌ସି ମକଦ୍ଦମା ବିଚାରାଧୀନ ଅଛି। ଥାନା ଅଧିକାରୀ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ମାମଲା ଆଗତ କରିଛନ୍ତି।

# 'ନୂତନ ଓଡ଼ିଶା ଚିନ୍ତାଧାରାରେ ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ'


ବିଧାୟକ ରୁଦ୍ରପ୍ରତାପ ମହାରଥୀ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

**ଡେଲାଙ୍ଗ,୨୧।୧୨(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକର କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର 'ନୂଆ ଓଡ଼ିଶା ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ତୃପ୍ତିମୟୀ ପରିଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ଓଡ଼ିଶା ଚିନ୍ତାଧାରାରେ ସହରାଞ୍ଚଳ ସହିତ ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି କହିଥିଲେ। ବିଦ୍ୟାଳୟର ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ୍‌ରୁମ୍, ଖେଳପଡ଼ିଆ ଆଦିର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମହାରଥୀ ସୂଚନା ଦେଇଛନ୍ତି। ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସିଂହବ୍ରହ୍ମପୁର ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ, ଛାତ୍ର ବିଜେଡି ସଭାପତି ସୁଦୀପ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ କୈଳାସ ଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପକ ନୀରଦ କୁମାର ସାମନ୍ତରାୟଙ୍କ ସହିତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସ୍ୱଚ୍ଛତା, ପ୍ଲାଷ୍ଟିକ୍‌ମୁକ୍ତ, ନିଶା ନିବାରଣ, ଶିକ୍ଷା, ଶିଶୁ ଶ୍ରମିକ ନିରାକରଣ, ନାରୀ ନିର୍ଯାତନା, ବାଲ୍ୟବିବାହ ଦୂରୀକରଣ, ସଡ଼କ ସୁରକ୍ଷା ଦିଗରେ ଛାତ୍ରୀଛାତ୍ର ସଚେତନ ହେବା ସହ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ଚାମ୍ପିୟନ ଓ ସିଂହବ୍ରହ୍ମପୁର ପଞ୍ଚାୟତ ରନର୍ସଅପ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦିଲିପ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଚାରିଛକ ଲକ୍ଷ୍ମୀ ମାର୍କେଟର ୨୯ତମ ଲକ୍ଷ୍ମୀପୂଜା

**ଚାରିଛକ,୨୧।୧୨( ଶିଶିର ସ୍ୱାଇଁ)** ଚାରିଛକ ବଜାରର ଲକ୍ଷ୍ମୀ ଡେଲି ମାର୍କେଟରେ ଗୁରୁବାରଠାରୁ ଚଳିତବର୍ଷ ୨୯ତମ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ପୂଜା ପାଇଁ ନିକଟ ପ୍ରାଚୀ ନଦୀରୁ ଘଣ୍ଟ ପଖୋଜ ବଜାଇ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ପୂଜାରେ କର୍ତ୍ତା ଭାବେ ଜଗବନ୍ଧୁ ସାହୁ ଏବଂ ପୂଜକ ଭାବେ ଦାଶରଥି ପାଢ଼ୀ ପୂଜା କରିଥିଲେ। ପୂଜା ୫ ଦିନ ଧରି ଚାଲିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମାର୍କେଟ ପରିଚାଳନା ସଦସ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ମାର୍କେଟ ସଭାପତି, ବ୍ରଜବନ୍ଧୁ ଦାଶ, ସମ୍ପାଦକ ରବି ସାହୁ, କୋଷାଧ୍ୟକ୍ଷ କୈଳାସ ସାହୁ, ଶିଶିର ନାୟକ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

### ବାଟମଙ୍ଗଳାଙ୍କ ପୀଠରେ ମହାଲକ୍ଷ୍ମୀ ପୂଜାରମ୍ଭ

**କାକଟପୁର,୨୧।୧୨(ଶୁଭଦର୍ଶନ ମିଶ୍ର)** ପଥରପକା ଗ୍ରାମର ମା' ବାଟମଙ୍ଗଳା ପୀଠରେ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ୨୧ ବର୍ଷ ହେଲା ଏହି ଗ୍ରାମରେ ମାର୍ଗଶିର ମାସ ଶେଷ ଗୁରୁବାର ଦିନ ଗ୍ରାମର ଉନ୍ନତି ପାଇଁ ଓ ସମସ୍ତ ରିଷ୍ଟ ଖଣ୍ଡନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମା' ମହାଲକ୍ଷ୍ମୀଙ୍କ ପୂଜା ପାଳନ ହୋଇଆସୁଛି। ଚଳିତବର୍ଷ ପୂଜକ ବସନ୍ତ ତ୍ରିପାଠୀ ମା'ଙ୍କ ପୂଜା ନୀତି କରୁଥିବାବେଳେ କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ମଲ୍ଲିକ ଓ କର୍ତ୍ତୀ ଭାବେ ସୁପ୍ରିୟା ମଲ୍ଲିକ କାର୍ଯ୍ୟନିର୍ବାହ କରୁଛନ୍ତି। ଗୁରୁବାରଠାରୁ ବିଶ୍ୱ କଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଛି। ସୋମବାର ଯଜ୍ଞର ପୂର୍ଣ୍ଣାହୁତି ସାଙ୍ଗକୁ ମା'ଙ୍କ ବିସର୍ଜନ ନୀତି ହେବ।

# କ୍ରିକେଟ ଟୁର୍ନାମେଣ୍ଟ: ମହାଦେବ ଇଲେଭେନ ଚାମ୍ପିୟନ

**ସାକ୍ଷୀଗୋପାଳ,୨୧।୧୨ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ):** ସାକ୍ଷୀଗୋପାଳ କଲେଜ ପଡ଼ିଆରେ ୩ ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସତ୍ୟବାଦୀ ଅଞ୍ଚଳର ୭ଟି ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ପ୍ରତିଯୋଗୀ ଦଳ ମଧ୍ୟରୁ ମହାଦେବ ଇଲେଭେନ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିବାବେଳେ ଭାଇଜାନ କ୍ରିକେଟ ଦଳ ରନର୍ସ ଅପ୍ ହୋଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନଙ୍କୁ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ଭାଜପା



ଅତିଥିଙ୍କଠାରୁ ବିଜୟୀ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ନେତା ଦୀପକ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉତ୍ସାହିତ କରିଥିଲେ।

# ହତ୍ୟା ଅଭିଯୋଗ ତଦନ୍ତରେ ପୋଲିସର ଶିଥିଳତା

**ପିପିଲି,୨୧।୧୨(ଦୁର୍ଗା ମାଧବ ମିଶ୍ର)** ଗତ ୧୪ ତାରିଖରେ ପିପିଲି ମଠସାହି ଛକ ଏକ ଭଡ଼ାଘରୁ ପିପିଲି ପୋଲିସ ପୁରୀ ବାଲିମୋଚି ସାହିର ଜଣେ ଯୁବକଙ୍କ ମୃତ ଶରୀର ଜବତ କରିଥିବାବେଳେ ତାଙ୍କ ପରିଚୟ ଜାଣି ପରିବାରଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ହତ୍ୟା କରାଯାଇଥିବା ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ଏହି ହତ୍ୟାକାଣ୍ଡ ମାମଲାରେ ପୋଲିସ କିପରି ଆଗଉନି ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହତ୍ୟାକାରୀଙ୍କୁ ପୋଲିସ କେବେ ଧରିବ ସେ ନେଇ ମୃତ ଯୁବକଙ୍କ ପରିବାର ଲୋକ ଚାହିଁ ବସିଛନ୍ତି। ଅଭିଯୋଗକାରୀ କେ ମୁତ୍ୟାଲିଙ୍କ କହିବା ଅନୁଯାୟୀ, ମୃତ ଯୁବକ କେ ଶିବା ବର୍ଷେ ପୂର୍ବେ ପୁରୀ ଜେଲ ଭିତରେ ପିପିଲି ଅଞ୍ଚଳର ଅନୱାର ହୁସେନଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲା। ପରେ ଉଭୟ ଜେଲରୁ ଆସିବା ପରେ ପିପିଲି ଅଞ୍ଚଳରେ କାର୍ଯ୍ୟ କରାଇ ଦେବା କହି ମଠ ସାହି ଛକରେ ଏକ ଘର ଭଡ଼ା ନେଇ ତାଙ୍କୁ ରଖିଥିଲେ। ଶିବା ଅଧିକାଂଶ ସମୟ ପିପିଲିରେ ରହୁଥିଲେ। ଅନୱାର କୌଣସି ଏକ ମାମଲାରେ ଜେଲରେ ଥିବାବେଳେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଝିଅଙ୍କୁ ବିବାହ କରିବାକୁ ଶିବା କହିଥିବାବେଳେ ଏହାର ସୁଯୋଗ ନେଇ ଅନୱାର ପରିବାର ଲୋକ ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ପାଣି ଖାଲକୁ ଖସିପଡ଼ିଲା କାର୍, ୨ ଗୁରୁତର

**ନିମାପଡ଼ା,୨୧।୧୨(ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ)** ପିପିଲି ରାସ୍ତାର ତଳ ଅଣ୍ଡିଆ ଛକ ନିକଟରେ ଗୁରୁବାର ଅପରାହ୍ନରେ କାର୍(ଓଡି ୦୩ F ୪୬୬୦) ଆଗକୁ ଏକ କୁକୁର ପଶି ଆସିବାରୁ ଗାଡ଼ିରେ ଥିବା ୨ ଯୁବକ ଗୁରୁତର ହୋଇଛନ୍ତି। କାର୍‌ଟି ରାସ୍ତା କଡ଼ ପାଣିଖାଲକୁ ଓଲଟିପଡ଼ି ଭାଙ୍ଗି ଯାଇଛି। ଦୁହିଁଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ଖେଲାର ଗ୍ରାମର ସୁନୀଲ ପ୍ରଧାନ(୩୪) ଓ ଟିକୁ ପ୍ରଧାନ(୨୧)। କାର୍‌ଟି ଖେଲାର ଅଞ୍ଚଳରୁ ନିମାପଡ଼ା ଅଭିମୁଖେ ଆସୁଥିବାବେଳେ ଏହି ଘଟଣା ଘଟିଥିଲା।

# 'ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବେ ପତ୍ରକାର'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ପୁରୀ,୨୧।୧୨(ଅଜିତ୍ ମହାନ୍ତି):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରଠାରେ ଗୁରୁବାର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଡିଆ ପ୍ରଭାଗ ତରଫରୁ ମିଡିଆ ଅଖିଳ ଭାରତୀୟ ମିଡିଆ ବାର୍ଷିକ ମିଟିଂ ଟ୍ରେନିଂ ଓ ସାଧନା ଭଟ୍ଟି ଅନୁଷ୍ଠିତ ହୋଇଯାଇଛି। ସାଧନା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ଅବସରରେ 'ମୂଲ୍ୟନିଷ୍ଠ ପତ୍ରକାରିତା ଦ୍ୱାରା ସମାଜରେ ସକାରାତ୍ମକ ପରିବର୍ତ୍ତନ' ବିଷୟବସ୍ତୁ ଉପରେ ଏକ ଆଲୋଚନଚକ୍ର ଆୟୋଜିତ ହୋଇଥିଲା। ସର୍ବଭାରତୀୟ ସ୍ତରରୁ ଏବଂ ପୁରୀ ଓ ଆଖପାଖ ଜିଲାରୁ ଶତାଧିକ ଗଣମାଧ୍ୟମ ପ୍ରତିନିଧି ତଥା ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ମିଡିଆ ପ୍ରଭାଗର ରାଷ୍ଟ୍ରୀୟ ସଂଯୋଜକ ଡ. ଶାନ୍ତନୁ, ଅନ୍ୟତମ ରାଷ୍ଟ୍ରୀୟ ସଂଯୋଜିକା ଭଗିନୀ ସରଳା ଆନନ୍ଦ, ମିଡିଆ ଏକାଡେମୀସିଆନ ବରଗଡ଼ର ଜୟପ୍ରକାଶ ଶତପଥୀ, ଛତିଶଗଡ଼ର ଅତିରିକ୍ତ ଜିଲାପାଳ ହର୍ଷ ପାଠକ, ସାଧନା କେନ୍ଦ୍ର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ଡ. ନିରୁପମା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପ୍ରଫେସର ହୋତା କହିଲେ, ପତ୍ରକାରିତାରେ ଶବ୍ଦ ସଂଯୋଜନା ମୁଖ୍ୟ। ଉପନିଷଦ ଓ ପାଣିନୀ ବ୍ୟାକରଣ ପଂକ୍ତିରୁ ଉଦ୍ଧାରକରି ସେ କହିଲେ, ପତ୍ରକାରମାନଙ୍କ ସଂକଳ୍ପ ଶବ୍ଦ ଓ କାର୍ଯ୍ୟର ଉତ୍ତମ ସମନ୍ୱୟ ଦ୍ୱାରା ହିଁ ସମାଜରେ ସକାରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇପାରିବ। ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସଂଯୋଜକ ଡ. ଶାନ୍ତନୁ କହିଲେ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଓ ଆଧ୍ୟାତ୍ମିକ ଜ୍ଞାନର ଅଭ୍ୟାସ ଦ୍ୱାରା ପତ୍ରକାରିତା ପେସାରେ ସୃଜନଶୀଳତା, ବ୍ୟକ୍ତିତ୍ୱର ବିକାଶ ତଥା ଶାନ୍ତିପ୍ରାପ୍ତିର ମାର୍ଗ ସୁଗମ ହୋଇଯିବ। ଅନ୍ୟତମ ଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଲେ, ପତ୍ରକାରିତା ଜୀବନରେ ଆଧ୍ୟାତ୍ମିକତାର ପରିପ୍ରକାଶ ହେଲେ ପତ୍ରକାର ଶୀର୍ଷ ସୋପାନକୁ ପହଞ୍ଚିବାରେ ସହଜ ହୋଇଥାଏ। ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ଡ. ନିରୁପମା ସମସ୍ତଙ୍କୁ ଆତ୍ମଅନୁଭୂତି ଦ୍ୱାରା ପରମାତ୍ମାଙ୍କ ଅନୁଭବ କରିବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟାଳୟ ସଂଯୋଜିକା ବ୍ରହ୍ମାକୁମାରୀ ଚନ୍ଦା ମଞ୍ଚ ସଞ୍ଚାଳନ କରିଥିଲେ। ବରିଷ୍ଠ ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ସୁନିତା ରାଜଯୋଗର ସୁଖଦ ଅନୁଭୂତି କରାଇଥିଲେ। ବରିଷ୍ଠ ରାଜଯୋଗୀ ଡାକ୍ତର ସତ୍ୟାନନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ। ଦିବ୍ୟାଂଶୀ ଏବଂ ପୁରୀ ଚାରୁ ନୃତ୍ୟ ଏକାଡେମୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ହୋଇଥିଲା।

DSPL-478
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR) ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0010/2324

## ସଂକ୍ଷେପରେ

### ଟାଙ୍ଗୀ ଲୟର୍ସ ବାର୍ ଆସୋସିଏଶନର ମଧ୍ୟବର୍ତ୍ତିକାଳୀନ କମିଟି ଗଠିତ

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଲୟର୍ସ ବାର୍ ଆସୋସିଏଶନର ମଧ୍ୟବର୍ତ୍ତିକାଳୀନ କମିଟି ଗଠିତ ହୋଇଛି। ପ୍ରତାପ କୁମାର ମହାପାତ୍ର ଚେୟାରମ୍ୟାନ, ଅଶ୍ୱିନୀ କୁମାର ଦାସ ଓ ପୀତବାସ ନାୟକ ସଭ୍ୟଭାବେ ମନୋନୀତ ହୋଇଛନ୍ତି। ସୂଚନା ମୁତାବକ, କୌଣସି କାରଣ ଯୋଗୁ ଗତବର୍ଷ ଟାଙ୍ଗୀ ଲୟର୍ସ ବାର୍ ଆସୋସିଏଶନର ନିର୍ବାଚନ ହୋଇପାରି ନ ଥିଲା। ସମସ୍ୟାର ସମାଧାନ ହେବା ପରେ ଗତ ୧୪ତାରିଖରେ ଷ୍ଟେଟ ବାର୍ କାଉନ୍ସିଲଙ୍କ ଆଦେଶକ୍ରମେ ପତ୍ର ନଂ.୧୧୪୭୬/୨୦୨୩ ଦ୍ୱାରା ମଧ୍ୟବର୍ତ୍ତିକାଳୀନ କମିଟି ଗଠିତ ହୋଇଛି। ଆସନ୍ତା ୨୫ ତାରିଖ ମଧ୍ୟରେ ସଭ୍ୟମାନଙ୍କ ତାଲିକା ଷ୍ଟେଟ ବାର୍ କାଉନ୍ସିଲରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ରହିଥିବା ନୂତନ କମିଟିର ଚେୟାରମ୍ୟାନ ପ୍ରତାପ ମହାପାତ୍ର ସୂଚନା ଦେଇଛନ୍ତି।

### ପୂର୍ବତନ କାଉନ୍ସିଲର ଶୁଭେନ୍ଦୁଙ୍କ ପରଲୋକ

ଜଟଣୀ,୨୧।୧୨(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳର ପୂର୍ବତନ କାଉନ୍ସିଲର ଶୁଭେନ୍ଦୁ ପରିଜା ଓରଫ୍ ମେଘୁଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ କିଡ୍ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ବାଲିଛକସାହିସ୍ଥିତ ନିଜ ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ପ୍ରଥମେ ସ୍ୱାଧୀନ ପ୍ରାର୍ଥୀଭାବେ ସ୍ଥାନୀୟ ୧୬ନମ୍ବର ୱାର୍ଡରୁ ବିଜୟୀ ହୋଇଥିଲେ। ପରେ କଂଗ୍ରେସରୁ ନିର୍ବାଚନ ଲଢ଼ି ବହୁଥର କାଉନ୍ସିଲର ଭାବେ ନିର୍ବାଚିତ ହୋଇଛନ୍ତି। ସେ ଜଣେ ପରୋପକାରୀ ଓ ସ୍ପଷ୍ଟବାଦୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ନେତା, କର୍ମୀ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମେଘୁଙ୍କ ପରଲୋକରେ ଜଟଣୀ ନଗରପାଳ ଅନନ୍ତ ବେହେରା ଶୋକବ୍ୟକ୍ତ କରିଛନ୍ତି। ଗୁରୁବାର ପୁରୀ ସ୍ୱର୍ଗଦ୍ୱାରରେ ମେଘୁଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ସରପଞ୍ଚଙ୍କ ଜାଲ୍ ଦସ୍ତଖତରେ ଟଙ୍କା ହଡ଼ପ ଅଭିଯୋଗ

**ମାଣିବନ୍ଧ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା**

- ଜିଆର୍‌ଏସ୍, ଜେଇଙ୍କ ସମ୍ପୃକ୍ତି ଅଭିଯୋଗ
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଗ୍ରାମାଞ୍ଚଳରେ ଲୋକଙ୍କୁ ରୋଜଗାର ନିଶ୍ଚିତ ଲକ୍ଷ୍ୟରେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କରିଛନ୍ତି। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ପରିବାର ପିଛା ଜଣଙ୍କୁ ୧୦୦ଦିନିଆ କାମ ଯୋଗାଇ ଦିଆଯାଏ। ତେବେ ଏହି ଯୋଜନାରେ ଖୋର୍ଦ୍ଧା ଜିଲାରେ ବିଭିନ୍ନ ସମୟରେ ବିନା ଶ୍ରମିକର ମେଶିନରେ କାମ କରାଯାଇ ଲକ୍ଷାଧିକ ଟଙ୍କା ବିଲ୍ କରାଯାଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ବୋଲଗଡ଼ ବ୍ଲକ ଅଞ୍ଚଳର ଜଣେ ସରପଞ୍ଚଙ୍କ ଜାଲ୍ ଦସ୍ତଖତ କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏନେଇ ମାଣିବନ୍ଧ ସରପଞ୍ଚ ସୁନନ୍ଦା ବରାଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ଏବଂ କନିଷ୍ଠଯନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗ ଆଣିଛନ୍ତି। ଜିଲାପାଳ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତର ବିଳମ୍ବ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁନନ୍ଦା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗତ ୪ତାରିଖରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ଚାଲିଥିଲା। ଫାଇଲ ଯାଞ୍ଚ ବେଳେ ତାଙ୍କ ଦସ୍ତଖତ ଜାଲ୍ କରାଯାଇ ବିଲ୍ ମଞ୍ଜୁର କରାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁନନ୍ଦା କୁହନ୍ତି, ଜଣେ ଜନପ୍ରତିନିଧି ହୋଇଥିବାରୁ ପଞ୍ଚାୟତବାସୀଙ୍କ ନିକଟରେ ଉତ୍ତରଦାୟୀ। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଥିବା ଜିଆର୍‌ଏସ୍ ଏବଂ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ଆସିଥିବା ଜିଆର୍‌ଏସ୍ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ମିଳିପାରି ନାହିଁ।

## 'ମନୋବଳ ଦୃଢ଼କରେ ଆଥ୍‌ଲେଟ ମିଟ୍'

ବେଗୁନିଆ,୨୧।୧୨(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ମହାବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଆଥଲେଟ୍ ମିଟ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। 'ନୂଆ-ଓ' ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗର ଉପଦେଷ୍ଟା ଡ.ତନ୍ମୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କୃଷ୍ଣଚନ୍ଦ୍ର ସ୍ୱାଇଁ, ଡ.ମନମୋହନ ମିଶ୍ର, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। 'ନୂଆ-ଓ'ର ସଂଯୋଜକ ବିଧୁଭୂଷଣ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରୀଡ଼ା ବିଭାଗ ମୁଖ୍ୟ ଡ.ସତ୍ୟଜିତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଥ୍‌ଲେଟ ମିଟ୍ ଛାତ୍ରୀଛାତ୍ରଙ୍କ ମନୋବଳ ଦୃଢ଼ କରେ ବୋଲି ମତପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୂର୍ଯ୍ୟମଣି ମାଝୀ, ନବ କିଶୋର ବିଶୋଇ, ବିରଞ୍ଚି ପ୍ରସାଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଦାମୋଦର ସାହୁ, ଆରାଧନା ମହାପାତ୍ର, ସଂଗ୍ରାମ ଜୟସିଂହ, ଉମେଶ ମହନ୍ତ, ବିବେଶ ଚୌଧୁରୀ, ଆଦିତ୍ୟ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ସୋଲାର ଲାଇଟ୍ ଉଦ୍‌ଘାଟିତ

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଜଳା ଗୋପୀନାଥପୁର ପଞ୍ଚାୟତ ମହାବୀର ମନ୍ଦିର ପରିସରରେ ଗୁରୁବାର ଏକ ସୋଲାର ଲାଇଟ୍ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସଂସଦୀୟ କ୍ଷେତ୍ରକୁ ଆଲୋକୀକରଣ ଯୋଜନାରେ ଏକ ହଜାର ଲାଇଟର ବ୍ୟବସ୍ଥା ହୋଇଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ୨୦୦ ମଧ୍ୟରୁ ଟାଙ୍ଗୀ ବ୍ଲକ ପାଇଁ ୧୨୨ ସୋଲାର ଲାଇଟ୍ ଲଗାଯିବା ପାଇଁ ସ୍ଥିର ହୋଇଛି। ପ୍ରଥମେ ଉଜଳା ଗୋପୀନାଥପୁରଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ହେମନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର କଳସ, ବୁଲୁ ପରିଡ଼ା, ବିଦ୍ୟୁତ୍ କାଣ୍ଡି, ଲୋକନାଥ ଦାସ ଉପସ୍ଥିତ ଥିଲେ।

# ମଣ୍ଡି ଖୋଲିନି, ଧାନର ଅଭାବୀ ବିକ୍ରି

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)



ଖରିଫ ଧାନକିଣାକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ କରିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧ୍ୟରେ ବୁଝାବଣା ଅଭାବରୁ ଜିଲାରେ ବର୍ତ୍ତମାନ ସୁଦ୍ଧା ଧାନକିଣା ଆରମ୍ଭ ହୋଇନାହିଁ। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ହରବରଘଣାରେ ପଡିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଧାନ ଫସଲ ଭଲ ହୋଇଛି। ତେବେ ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଟ୍ରକରେ ଧାନ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଛି। ସ୍ଥାନୀୟ ବେପାରୀଙ୍କୁ ହାତ କରି ଆନ୍ଧ୍ର ବେପାରୀମାନେ ଧାନ କିଣୁଛନ୍ତି। ଖୋର୍ଦ୍ଧା ଜିଲାରେ ଯୋଗାଣ ବିଭାଗର ଅବହେଳାରୁ ଧାନ ମଣ୍ଡିକୁ ଯିବା ପୂର୍ବରୁ ଆନ୍ଧ୍ରକୁ ଚାଲାଣ ହେଉଛି। ବାଣପୁର, ଚିଲିକା, ବୋଲଗଡ଼, ବେଗୁନିଆ, ଟାଙ୍ଗୀ, ଖୋର୍ଦ୍ଧା ବ୍ଲକର ବିଭିନ୍ନ ଗ୍ରାମରୁ ସ୍ଥାନୀୟ ବେପାରୀଙ୍କ ସହାୟତାରେ ଧାନ ଉଠାଯାଉଥିବା ଜଣାପଡିଛି। ଚଳିତ ବର୍ଷ ଧାନକିଣା ବିଳମ୍ବ ଘଟୁଥିବାରୁ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଆନ୍ଧ୍ର ବେପାରୀ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ନେଉଥିବା ଜଣାପଡିଛି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ଡିସେମ୍ବର ୨୯ରୁ ଧାନ ସଂଗ୍ରହ ଲାଗି ଧାର୍ଯ୍ୟ କରାଯାଇଛି। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଜିଲାରେ ୧୫୪ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଖରିଫ ଧାନ ସଂଗ୍ରହ ଲାଗି ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଏବଂ ୧୫ଟି ଉପକେନ୍ଦ୍ର କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୧୧ହଜାର ୭୬୪ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ୬ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ଖରିଫରେ ୪୮ହଜାର ୪୦୮ ଚାଷୀ ପଞ୍ଜୀକୃତ କରିଥିବା ବେଳେ ଚଳିତ ବର୍ଷ ୫୧ହଜାର ୧୫୧ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ୟାକ୍ସରେ ଧାନ କିଣାଯିବ। ଗତବର୍ଷ ଦୈନିକ ୧୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ଶହ କୁଇଣ୍ଟାଲ ଧାନ ଉଠାଯିବ। ଏ ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ମଣ୍ଡିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ମଣ୍ଡିକୁ ଦଲାଲ ମୁକ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଛି।

## କିଶୋର କ୍ଲବ୍ ଭୁବନେଶ୍ୱର ବିଜୟୀ



ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଖେଳାଳି।

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଜନତା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଜାମସେଦପୁର ଫୁଟ୍‌ବଲ କ୍ଲବ ଓ ଭୁବନେଶ୍ୱର କିଶୋର କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୨୪ ମିନିଟରେ କିଶୋର କ୍ଲବର ୧୭ ନମ୍ବର ଜର୍ସି ଖେଳାଳି ପପୁ ମାଝୀ ଓ ଦ୍ୱିତୀୟାର୍ଦ୍ଧର ୨୭ ମିନିଟରେ ସୁନରାମ ହାଁସଦା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଜାମସେଦପୁର ଫୁଟ୍‌ବଲ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। କିଶୋର କ୍ଲବ ୨-୦ ଗୋଲରେ ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅଶୋକ କହଁର, ବିଜୟ କୁମାର ମଙ୍ଗରାଜ, ଗୋପାଳ ସାମନ୍ତରାୟ ଓ ଅପର୍ତ୍ତି ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଜୟ କୁମାର ରାଉତ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ପପୁ ମାଝୀଙ୍କୁ ଶ୍ରେଷ୍ଠ ସ୍କୋରର ଏବଂ ଜାମସେଦପୁରର ୯ ନମ୍ବର ଜର୍ସି ଖେଳାଳି ଧରମା ହେମ୍ବ୍ରମଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ରଶେଖର ଦାଶ, ଉପସଭାପତି ଶୁଭେନ୍ଦୁ ମାନସିଂହ, ଶ୍ରୀବତ୍ସ ପରିଡ଼ା, କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ମନୋଜ ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଫାଇନାଲରେ ମା'କାଳିକା କ୍ଲବ୍ ଡିଙ୍ଗର



ବେଗୁନିଆ,୨୧।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ମା' କଇରୀ ବଘେଇ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ପ୍ରଥମ ସେମିଫାଇନାଲ ମ୍ୟାଚ୍। ଏଥିରେ ମା'କାଳିକା କ୍ରିକେଟ କ୍ଲବ ଡିଙ୍ଗର ୩୨ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବାବା-୧୧ କ୍ଲବ ସରଧାପୁର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ମା'କାଳିକା କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ସରଧାପୁର ଟିମ୍ ସମସ୍ତ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅନିଲ ଦେବତା ଏବଂ ନିଲୁ ତୋଷ ମ୍ୟାଚ ପରିଚାଳନା କରିଥିଲେ। ଜିତେନ୍ଦ୍ର ଦାସ ଏବଂ ସୌଭାଗ୍ୟ ଚନ୍ଦ୍ର ଦାସ ପରିଚାଳନାରେ ସହଯୋଗ କରିଥିବା ବେଳେ ରାକେଶ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଶେଖ୍ ଅଗସର ଅଲ୍ଲୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧାନ କଳେଇ ଜଳିଗଲା



**ରମାବିଲିରେ ଭୟାବହ ଅଗ୍ନିକାଣ୍ଡ**

- କ୍ଷତିପୂରଣ ଦାବିକଲେ ଗ୍ରାମବାସୀ
- କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ

ଖୋର୍ଦ୍ଧା/ଟାଙ୍ଗୀ/ନିରାକାରପୁର,୨୧।୧୨
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତ ଅନ୍ତର୍ଗତ ରମାବିଲି ଗ୍ରାମରେ ବୁଧବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ୬ ଚାଷୀଙ୍କ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧାନ କଳେଇ ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଓକିଲ ଜେନାଙ୍କ ଦୁଇ ପୁଅ ପ୍ରମୋଦ, ହେମନ୍ତଙ୍କ ସମେତ ସଉରି ଜେନା ଏବଂ ସୁକାନ୍ତ ଜେନା, ସନ୍ତୋଷ ରଣସିଂ, ମଙ୍ଗୁଳି ଜେନାଙ୍କ ପ୍ରାୟ ୩୦ଏକର ଜମିର ୭ ହଜାରରୁ ଊର୍ଦ୍ଧ୍ୱ ଧାନ କଳେଇ ଜଳିଯାଇଛି। ଗୁରୁବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବନମାଳୀ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଲାଗି ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ମହିଳା ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ପହଞ୍ଚି ଚାଷୀଙ୍କୁ ସମ୍ବେଦନା ଜଣାଇବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ଲାଗି ଦାବି କରିଛନ୍ତି।

ସୂଚନା ମୁତାବକ, ଓକିଲ ଜେନାଙ୍କ ପରିବାର ସମେତ ଅନ୍ୟମାନେ ଖଳାରେ ଧାନ କଳେଇ ଗଚ୍ଛିତ କରି ରଖିଥିଲେ। ଗ୍ରାମର ଜୟଦୁର୍ଗା କ୍ଲବ ସଭାପତି ନିତ୍ୟାନନ୍ଦ ମଙ୍ଗରାଜଙ୍କ କହିବା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଧାନ କଳେଇରେ ନିଆଁ ଲାଗିଥିବା ଖବରପାଇ ଖଳାରେ ପହଞ୍ଚିବା ବେଳକୁ କଳେଇ ହୁତୁ ହୁତୁ ହୋଇ ଜଳୁଥିଲା। ୮ଟା ଧାନ କଳେଇରେ ନିଆଁ ଲାଗିଥିଲା। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ୩ଟି ଅଗ୍ନିଶମ ଗାଡି ପହଞ୍ଚିବାର ୧ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ପ୍ରାୟ ୯୦ ପ୍ରତିଶତ ଧାନ ଜଳିଯାଇଛି। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଚଳିତବର୍ଷ ଅଗ୍ନିକାଣ୍ଡରେ ସବୁ କିଛି ଜଳିପୋଡି ପାଉଁଶ ହୋଇଗଲା। ବହୁ କଷ୍ଟ ସହି ଧାନ ଚାଷ କରିଥିଲୁ। ଏଥିରେ ଆମର ବର୍ଷସାରା ପରିବାର ଗୁଜୁରାଣ ହୋଇଥାଏ। ତେବେ ସବୁ ଛାରଖାର ହୋଇଗଲା। ଏବେ ଖାଇବୁ କ'ଣ, ପରିବାର କିପରି ଚଳିବ, ଚିନ୍ତା ଘାରିଛି ବୋଲି ବିପନ୍ନ ଚାଷୀ କହିଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ମହାପାତ୍ର କହିଛନ୍ତି, ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ଚାଷୀ ହାତରୁ ପମ୍ପସେଟ ଭଡ଼ାରେ ଆଣି ଚାଷ କରିଥିଲେ। ୬ଜଣ ଚାଷୀଙ୍କ ଧାନ କଳେଇ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଉପଯୁକ୍ତ ସରକାରୀ ସହାୟତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରୁଛି। ଆର୍‌ଆଇ ସାହୁ କହିଛନ୍ତି, ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯିବ। ସେହିପରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଆର୍‌ଆଇ ସର୍ଭେ କରି ରିପୋର୍ଟ ପ୍ରଦାନ କରିବା ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିଭରଣା ବ୍ୟବସ୍ଥା କରାଯିବ।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

**Facilitation Center (ସହଯୋଗ କେନ୍ଦ୍ର)**
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

**CDR ସେଲ୍**
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

**QPR**
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

**ORERA Regn. No. ଏବଂ website**
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

# ଗାଡ଼ି ଦେବା ନାଁରେ ବହୁ କୋଟି ଠକେଇ, ଦମ୍ପତି ଗିରଫ

## ୩ ବର୍ଷରେ ୫୦ କୋଟିରୁ ଊର୍ଦ୍ଧ୍ୱ କାରବାର

ଭୁବନେଶ୍ୱର,୨୧।୧୨
(ସୂର୍ଯ୍ୟକାନ୍ତ ବେହେରା)



ଗିରଫ ଉଷାରାଣୀ ବାରିକ ଓ ଅକ୍ଷୟ ଗୌଡ।

ଅଧା ଦାମ୍‌ରେ କାର୍ ଓ ବାଇକ ଦେବାକୁ କହି ଶତାଧିକ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକିନେଇଥିବା ଦମ୍ପତିଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକାର ଅକ୍ଷୟ ଗୌଡ(୩୮) ଓ ତାଙ୍କ ସ୍ତ୍ରୀ ଉଷାରାଣୀ ବାରିକ(୩୬)। ଉଭୟଙ୍କଠାରୁ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ, କିଛି ଏଗ୍ରିମେଣ୍ଟ ପେପର, ବ୍ୟାଙ୍କ ପାସ୍‌ବୁକ୍ ଆଦି ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚବେଳେ ୩ବର୍ଷରେ ୫୦ କୋଟିରୁ ଅଧିକ କାରବାର ହୋଇଥିବା ଜଣାପଡିଛି। ଏସବୁ ଠକେଇ ଟଙ୍କା ବୋଲି ପୋଲିସ ସନ୍ଦେହ କରୁଛି। ଏହାସହ ଉକ୍ତ ଠକେଇ ଟଙ୍କାରେ ଏହି ଦମ୍ପତି ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ପ୍ଲଟ୍, ଫ୍ଲାଟ୍ ଆଦି କିଣିଥିବା ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ଅଧିକ ତଥ୍ୟ ହାସଲ ପାଇଁ ସେମାନଙ୍କୁ ରିମାଣ୍ଡରେ ଆଣି ଖୋଲତାଡ କରାଯିବ ବୋଲି ଡିସିପି କହିଛନ୍ତି। ଏହାସହ ଯେଉଁମାନେ ଏହି ଦମ୍ପତିଙ୍କ ଦ୍ୱାରା ଠକେଇର ଶିକାର ହୋଇଛନ୍ତି ତୁରନ୍ତ ଥାନାରେ ରିପୋର୍ଟ କରିବାକୁ ସେ ଅପିଲ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ଅକ୍ଷୟ ବିଭିନ୍ନ ବ୍ୟାଙ୍କରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବରେ କାମ କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ତାଙ୍କ ନାମରେ ଛତ୍ରପୁର, ଖଣ୍ଡଗିରି, ପାହାଳ, କ୍ୟାପିଟାଲ, ଲକ୍ଷ୍ମୀସାଗର ଓ ନୟାପଲ୍ଲୀ ଥାନାରେ ମୋଟ ୬ଟି ଠକେଇ ମାମଲା ରହିଛି। ସେପଟେ ର୍‍ୟାକେଟର ଅନ୍ୟତମ ଅଭିଯୁକ୍ତ ଶିବରାମ ଗୌଡଙ୍କୁ ମଧ୍ୟ ଗଞ୍ଜାମ ପୋଲିସ ଗିରଫ କରିଥିବା ଡିସିପି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ମିଶି ୨୦୧୮ରେ ଲୋକଙ୍କୁ କମ୍‌ଦାମରେ ନୂଆ କାର ଯୋଗାଇ ଦେବାଲାଗି ଜାଗମରାଠାରେ ମା' ପାଟଖଣ୍ଡ ଅଟୋମୋବାଇଲ୍ସ ଓ ୨୦୨୧ରେ ସୁନ୍ଦରପଦାଠାରେ ଶିବଶକ୍ତି ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ ନାମରେ ୨ଟି ଶୋ'ରୁମ ଖୋଲିଥିଲେ। କମ୍ ଦାମ୍‌ରେ କାର୍ ଯୋଗାଇ ଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଠକୁଥିଲେ। ଜଗନ୍ନାଥ ସାହୁ ନାମକ ଜଣେ ଗ୍ରାହକ ହ୍ୟୁଣ୍ଡାଇ କମ୍ପାନୀର ଏକ ନୂଆ କାର କିଣିବା ଲାଗି ୭ ମାସ ତଳେ ଦମ୍ପତିଙ୍କୁ ମୋଟ ୧୩ ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବା ପରେ ସେମାନେ ଗାଡି ଡେଲିଭରି ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ତେଣୁ ଠକାମିର ଶିକାର ହେବା ଜାଣିବା ପରେ ଜଗନ୍ନାଥ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

### ଜିତିଥିବା କାର୍‌ରୁ ଠକେଇ ର୍‍ୟାକେଟ

୨୦୧୫-୧୬ ମସିହାରେ କେତେକ ଘରୋଇ ଟେଲିକମ୍ କମ୍ପାନୀ ଅଧିକ ସିମ୍ ବିକ୍ରି ଉଦ୍ଦେଶ୍ୟରେ ୧୯୭ ଆପ୍‌ରେ ଗେମ ଖେଳି ବିଭିନ୍ନ ପ୍ରକାର ଗାଡି ଓ ମୂଲ୍ୟବାନ ସାମଗ୍ରୀ ଜିତିବାର ସୁଯୋଗ ସୃଷ୍ଟି କରିଥିଲେ। ଅଭିଯୁକ୍ତ ଶିବରାମ ଏହି ଗେମ୍‌ରୁ ପାଖାପାଖି ୨୦ଟି ଗାଡି ଜିତିଥିଲେ। ସେ ଗାଡିଗୁଡ଼ିକୁ କମ୍ ଦାମ୍‌ରେ ଲୋକଙ୍କୁ ବିକ୍ରି କରିବା ସହିତ ସେମାନଙ୍କ ସହିତ ଡେଲିଭରି ସମୟର ଫଟୋ ଉଠାଇ ରଖିଥିଲେ। କିଛିଦିନ ପରେ ଶିବରାମ ଓ ଅନ୍ୟତମ ଅଭିଯୁକ୍ତ ଅକ୍ଷୟ ମିଶି ଠକେଇ ଯୋଜନା କରିଥିଲେ। ପ୍ରଥମେ ଉକ୍ତ ଫଟୋକୁ ଦେଖାଇ ସେମାନେ ଲୋକଙ୍କ ବିଶ୍ୱାସ ଜନ୍ମାଇବା ସହ କମ୍ ଦାମ୍‌ରେ ନୂଆ କାର୍ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଆଗୁଆ ଟଙ୍କା ନେଇଥିଲେ। ଲଟେରି କାର୍ କହି ବିଶ୍ୱାସ ବଢ଼ାଉଥିଲେ। ଅଳ୍ପକିଛି ଲୋକଙ୍କୁ କମ୍ ଦାମ୍‌ରେ ଗାଡି ବିକ୍ରି କରି ତାହାର ଫଟୋ ଉଠାଇ ରଖୁଥିଲେ। ଅଧିକାଂଶ ଲୋକଙ୍କୁ ଗାଡି ନ ଦେଇ ଠକେଇ କରୁଥିଲେ। ତେବେ ସେମାନେ ରଖିଥିବା ଫଟୋ ଓ କାଗଜପତ୍ର ଦେଖାଇ ଅଧିକରୁ ଅଧିକ ଲୋକଙ୍କୁ ଫସାଇବା ସହ ଉଭୟ ୨୦୨୦ରୁ ୨୦୨୩ ମଧ୍ୟରେ ୨୦୦ଜଣଙ୍କୁ ଚାରିଚକିଆ ଓ ୨୦୦ଜଣଙ୍କୁ ଦୁଇଚକିଆ ଗାଡ଼ି ବିକ୍ରି ନାଁରେ କୋଟି କୋଟି ଟଙ୍କା ଠକି ନେବାରେ ସକ୍ଷମ ହୋଇଛନ୍ତି।

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୪୮ତମ ଜୟନ୍ତୀ, ଜୟଦେବ ବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ଓଡ଼ିଶା ଏନଭାଇରୋନମେଣ୍ଟ କଂଗ୍ରେସର ୧୪ତମ ଏଡିଶନ, ଆର୍‌ଏମ୍‌ଏନ୍‌ଏଚ୍, ସକାଳ ୯ଟା।
- ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ସାଇନ୍ସ ସେଣ୍ଟରର ଜାତୀୟ ଗଣିତ ଦିବସ, ସେଣ୍ଟର ପରିସର, ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଥମ ଫୁଡ କାର୍ନିଭାଲ, ବିଦ୍ୟାଳୟ ପରିସର, ୟୁନିଟ୍-୪, ଅପରାହ୍ନ ୧ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର କର୍ଟେନ ରାଇଜର ଇଭେଣ୍ଟ, ଏ ୩ ବ୍ଲକ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ୩୦।
- ଆଲେକ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ, ଉତ୍କଳ ମଣ୍ଡପ, ଅପରାହ୍ନ ୪ଟା।
- ୭୩ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ଶ୍ରୀମଦ୍ ଭାଗବତ ପୁରାଣ ଉପରେ ପ୍ରବଚନ, ଗଡ଼ନହରକଣ୍ଟାସ୍ଥିତ ମହାଦେବଙ୍କ ସଭାମଣ୍ଡପ, ସନ୍ଧ୍ୟା ୬ଟା।

ଟିଗିରିଆ

- ବିଧାରପୁରସ୍ଥିତ ଆର୍‌ପି ଆବାସିକ ସ୍ନାତକ ମହାବିଦ୍ୟାଳୟର ୮ମ ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ସକାଳ ୯ଟା।




ଯାଜପୁର ବ୍ୟାସନଗରରେ ଷ୍ଟାଡିୟମ ନିର୍ମାଣ ଦାବିରେ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ରାଲି ନବୀନ ନିବାସ ଅଭିମୁଖେ ଯାଉଛି।

## ଯୁକ୍ତ ୨ ପରୀକ୍ଷା କେନ୍ଦ୍ରରେ ସିସିଟିଭିକୁ ଗୁରୁତ୍ୱ

ଭୁବନେଶ୍ୱର, ୨୧।୧୨
(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମରେ ସିସିଟିଭି ଲାଗିଛି କି ନାହିଁ ଏବଂ ସେଗୁଡ଼ିକ କାର୍ଯ୍ୟ କରୁଛି କି ନାହିଁ ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଥିଲା। ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ସମସ୍ତ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଅଫିସ ଏବଂ ଲାବୋରେଟୋରୀରେ ମଧ୍ୟ ସିସିଟିଭି ଲଗାଯିବ। ଏହା ବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ଡିସେମ୍ବର ୧୫ ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପରୀକ୍ଷାକେନ୍ଦ୍ରରେ ଏହି ବନ୍ଦୋବସ୍ତ କରାଯାଇନାହିଁ। ତେଣୁ ଆସନ୍ତା ୩୦ ତାରିଖ ମଧ୍ୟରେ କ୍ୟାମେରା ଲଗାଇବା ସହ ଆନୁଷଙ୍ଗିକ ବନ୍ଦୋବସ୍ତ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ସୂଚନା ଥାଉ କି, ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର/ଏନ୍‌ଭିଆର୍/ଇନ୍‌ଷ୍ଟଲ କ୍ଲାଉଡ, ଇଣ୍ଟରନେଟ ସଂଯୋଗ, ଷ୍ଟାଟିକ ଆଇପି ଆଡ୍ରେସ, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

## ସମସ୍ତ ଜଗନ୍ନାଥ ମନ୍ଦିର ପାଇଁ ଏକକ ନୀତି

ପୁରୀ, ୨୧।୧୨(ଅଜିତ୍ ମହାନ୍ତି)



### ଐତିହ୍ୟ ସ୍ଥାପନା ସଂଯୋଜନା ମଣ୍ଡଳୀର ବୈଠକ

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁବାର ଐତିହ୍ୟ ସ୍ଥାପନା ସଂଯୋଜନା ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମଠ ମହନ୍ତ, ଶ୍ରୋତ୍ରୀୟ ବ୍ରାହ୍ମଣ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଉପସ୍ଥିତ ଥିଲେ। ସାରା ରାଜ୍ୟରେ ଥିବା ପ୍ରାୟ ୮ଶହ ଜଗନ୍ନାଥ ମନ୍ଦିରର ତାଲିକା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପହଞ୍ଚିଥିବା ବେଳେ ମନ୍ଦିରଗୁଡ଼ିକର ଐତିହ୍ୟ ବ୍ୟବସ୍ଥାକରଣ ଉପରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯେଉଁଳି ନୀତିକାନ୍ତି, ସେବାପୂଜା ଚାଲିଛି, ସେହିଭଳି ଭାବେ ଏହି ସବୁ ମନ୍ଦିରଗୁଡିକୁ ସୂଚନା ଦିଆଯିବ। ଏଥିପାଇଁ ଏକ ବୁକ୍‌ଲେଟ ପ୍ରସ୍ତୁତ କରାଯାଇ ସେମାନଙ୍କ ସହ ଭାବଗତ ଐତିହ୍ୟ ସ୍ଥାପନ କରାଯିବ। ସମସ୍ତ ଜଗନ୍ନାଥ ମନ୍ଦିରକୁ ଗୋଟିଏ ଢାଞ୍ଚାରେ ଆଣିବା ପାଇଁ ଚେଷ୍ଟା କରାଯାଉଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଯେଉଁଳି ସେବାପୂଜା, ନୀତିକାନ୍ତି କରାଯାଉଛି ସମସ୍ତ ଜଗନ୍ନାଥ ମନ୍ଦିର ନୀତି ନିୟମ ସେଭଳି ଅନୁପାଳନ କରିବା ନେଇ ବିସ୍ତୃତ ଆଲୋଚନା ହେବ। ଠାକୁରଙ୍କ ପାଖରେ କେତେ ପ୍ରକାରର ଭୋଗ ଲାଗେ, କେଉଁ ଭଳି ସେବାପୂଜା କରାଯାଏ ଏବଂ କ'ଣ ସବୁ ନିୟମ ରହିଛି ସେନେଇ ସମସ୍ତ ଜଗନ୍ନାଥ ମନ୍ଦିରକୁ ସଚେତନ କରାଯିବ। ସମସ୍ତ ଜଗନ୍ନାଥ ମନ୍ଦିରର ଯେଉଁଳି ଏକତା ରହିବ ଏବଂ ମହାପ୍ରଭୁଙ୍କ ପ୍ରଚାର ପ୍ରସାର ହୋଇପାରିବ ସେନେଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ। ସେହିପରି ଗତ ୨୦୧୨ରେ ହୋଇଥିବା ପଞ୍ଚରାତ୍ର କାର୍ଯ୍ୟକ୍ରମ ପୁନର୍ବାର କିଭଳି ଅନୁଷ୍ଠିତ ହୋଇପାରିବ ସେନେଇ ମଧ୍ୟ ଆଲୋଚନା ହେବ। ତେବେ ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପଣ ଉତ୍ସବ ପରେ ପରବର୍ତ୍ତୀ ବୈଠକରେ ଆଲୋଚନା କରାଯାଇ ସମସ୍ତ ନିଷ୍ପତ୍ତି ନିଆଯିବ ବୋଲି ମଠ ମହନ୍ତ ଓ ଗବେଷକ କହିଛନ୍ତି।






@ ପରମାଚରଣ



@ ପ୍ରଭଞ୍ଜନ



@ ଅଭିରାମ



@ ଅନିଲ



@ କିଶୋର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଭ୍ରମଣ ସିରିଜ୍ 'ଦି କାଭାଲରି ଗୋଜ୍ ଟୁ ଯୋଧପୁର'

ଭୁବନେଶ୍ୱର, ୨୧।୧୨
(ଅନୁରାଧା ମହାରଣା)

ଡିଡି ନ୍ୟାଶନାଲରେ ରୋମାଞ୍ଚକର ଭ୍ରମଣ ସିରିଜ୍ 'ଦି କାଭାଲରି ଗୋଜ୍ ଟୁ ଯୋଧପୁର' ୧୬ ତାରିଖରୁ ପ୍ରସାରିତ ହେଉଛି। ପ୍ରତି ଶନିବାର ଓ ରବିବାର ମଧ୍ୟାହ୍ନ ୧୨ଟାରେ ଏହି ସିରିଜ୍ ଦେଖିବାକୁ ପାଇବେ ଦର୍ଶକ। ଏଥିରେ ବିଭିନ୍ନ ସଂସ୍କୃତି, ଅନୁସନ୍ଧାନ, ଚମତ୍କାର ଦୃଶ୍ୟ ସହ ଅନନ୍ୟ ଅନୁଭୂତି ସହ ରାଜସ୍ଥାନର ଲୁକ୍କାୟିତ ରହସ୍ୟ ରହିଛି। ବିଶେଷକରି ପୁଷ୍କରରୁ ଭାୟା ଓସିଆନ୍ ଦେଇ ଯୋଧପୁର ଯାତ୍ରା କାଳରେ ବିଭିନ୍ନ ଅନୁଭୂତିକୁ ଏଥିରେ ଚିତ୍ରଣ କରାଯାଇଛି। ସଂପୃକ୍ତ ଅଞ୍ଚଳର ସଂସ୍କୃତି ପରମ୍ପରା ସହ ଭାରତରେ ଜାତି, ଧର୍ମ ବର୍ଣ୍ଣରେ ଦେଖାଯାଉଥିବା ବିବିଧତା ସମ୍ପର୍କରେ ମଧ୍ୟ ଜାଣିବାକୁ ମିଳିବ।




# ଯୋଗାଣ ଅଧିକାରୀଙ୍କ ବିଦେଶ ସଉକ

### ଭିଜିଲାନ୍ସ ଜାଲରେ ଫସିଲେ

- ଭୁବନେଶ୍ୱର, ବ୍ରହ୍ମପୁରର ୭ସ୍ଥାନରେ ଚଢ଼ାଉ
- ଘରୁ ମିଳିଲା ଅଧକେଜି ସୁନା ଗହଣା
- ୪ କୋଠା, ୫ ପ୍ଲଟ୍ ସମେତ ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୧।୧୨ (ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ସରକାରୀ ବାସଭବନରୁ ମିଳିଥିବା ସୁନା ଗହଣା ଓ କାଗଜପତ୍ର।



ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ।

ସାଧାରଣ ଲୋକଙ୍କ ଟିକସ ଟଙ୍କାରେ ଦରମା ପାଉଥିବା ସରକାରୀ ବାବୁମାନେ ଦୁର୍ନୀତି କରି ଅମାପ ସମ୍ପତ୍ତି ଠୁଳ କରୁଛନ୍ତି। ଏକାଧିକ ଦୁର୍ନୀତିଗ୍ରସ୍ତ, ଲାଞ୍ଚୁଆ ବାବୁ ଧରାପଡିଥିବା ବେଳେ ଏବେ ଆଉଜଣେ କୋଟିପତି ଅଧିକାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସେ ହେଲେ ଭୁବନେଶ୍ୱରର ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ। ବାବୁ ଜଣଙ୍କର ସୌଖୀନ ଜୀବନଯାପନ ସହ ଭ୍ରମଣରେ ଭାରି ସଉକ। ସମୟ ପାଇଲେ ବିଦେଶ ବୁଲି ପାଣି ଭଳି ଟଙ୍କା ଖର୍ଚ୍ଚ କରୁଥିଲେ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ପ୍ରଶାନ୍ତଙ୍କ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ପ୍ରଶାନ୍ତଙ୍କ ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର କୋ-ଅପରେଟିଭ୍ କଲୋନି ୧ ନମ୍ବର ଲେନ୍‌ସ୍ଥିତ ପୈତୃକ ଘର, ଭୁବନେଶ୍ୱର ୟୁନିଟ-୩ ମ୍ୟୁନିସିପାଲିଟି କଲୋନିସ୍ଥିତ ସରକାରୀ କ୍ୱାର୍ଟର ନଂ. ଏସ୍-୫୦ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କାର୍ଯ୍ୟାଳୟସ୍ଥିତ କୋଠରି ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କର ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଏଥିସହ ପ୍ରଶାନ୍ତ ବିଦେଶ ଭ୍ରମଣର ବହୁ ଦସ୍ତାବିଜ୍ ଜବତ ହୋଇଛି। ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟାସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ପ୍ରଶାନ୍ତଙ୍କ ଭୁବନେଶ୍ୱର ପାଣ୍ଡରାସ୍ଥିତ ପ୍ଲଟ୍ ନଂ. ୧୪୮୪ ଓ ୧୪୮୫ରେ ୪ ହଜାର ୮ଶହ ବର୍ଗଫୁଟ୍‌ର ନିର୍ମାଣାଧୀନ ୮୩ ଲକ୍ଷ ଟଙ୍କାର ତିନି ମହଲା କୋଠା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନିରେ ଥିବା ଦୁଇ ମହଲା କୋଠା (ଭିଆଇଏମ୍-୧୯୨), ଲକ୍ଷ୍ମୀସାଗର ବଡ଼ଗଡ଼ କେନାଲ୍ ରୋଡସ୍ଥିତ ନୀଳାଚଳ ସିଟି ଆପାର୍ଟମେଣ୍ଟରେ ଥିବା ଗୋଟିଏ ଫ୍ଲାଟ୍, ବ୍ରହ୍ମପୁର-୨ ଭବାନୀପୁରସ୍ଥିତ ନୀଳାଚଳ ହାଇଟ୍ସ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ରହିଛି। ଏଥିସହ ଭୁବନେଶ୍ୱରରେ ୩ ପ୍ଲଟ ସମେତ ମୋଟ ୫ଟି ପ୍ଲଟ୍ ଠାବ ହୋଇଛି। ଫ୍ଲାଟ୍ ଏବଂ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ପ୍ରଶାନ୍ତଙ୍କ ଘରୁ ୫୩୬ ଗ୍ରାମର ସୁନା ଅଳଙ୍କାର, ପ୍ରାୟ ୧.୪୮ କୋଟିର ବ୍ୟାଙ୍କ ଓ ଜୀବନବୀମା ଜମା, ନଗଦ ୧.୨୧ ଲକ୍ଷ ଟଙ୍କା, ୧୯.୪୭ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଓ ଦୁଇଟି ଦୁଇ ଚକିଆ ଯାନ ମଧ୍ୟ ଠାବ ହୋଇଛି। ତେବେ ପ୍ରଶାନ୍ତ ୟୁରୋପ୍ ଓ ସୁଇଜରଲାଣ୍ଡ୍ ଭ୍ରମଣ କରିଥିବା ଟିକେଟ୍ ଆଦିରୁ ୩ ଲକ୍ଷ ଟଙ୍କା କାରବାରର ଭିଜିଲାନ୍ସ ପ୍ରମାଣ ପାଇଛି। ସେ ଅନ୍ୟ ଦେଶକୁ ଯାଇ ବିପୁଳ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଏହି ଦିଗକୁ ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ ଜାରି ରଖିଛି। ସମ୍ପତ୍ତି ସଂକ୍ରାନ୍ତରେ ପ୍ରଶାନ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି ଓ ଆଗକୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ ଟିମ୍‌ରେ ୮ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତେବେ ଶୁକ୍ରବାର ପ୍ରଶାନ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇପାରେ ବୋଲି ସୂଚନା ମିଳିଛି।



